ପିଲାଙ୍କ ଗପ ବହି



# ସେହି ଜଙ୍ଗଲର କାହାଣୀ

ଚିନ୍ମୟୀ ପଣ୍ଡା

ପ୍ରକାଶକ : ବର୍ଷା ପବ୍ଲିକେସନ୍
୫୧୩, ନୂଆସାହି, ନୟାପଲ୍ଲୀ,
ଭୁବନେଶ୍ୱର-୧୨



**ସେହି ଜଙ୍ଗଲର କାହାଣୀ**

**ଲେଖିକା : ଚିନ୍ମୟୀ ପଣ୍ଡା**

ପ୍ରଥମ ସଂସ୍କରଣ: ଅଗଷ୍ଟ-୨୦୨୩

SEHI JUNGLE RA KAHANI

Odia Childrens Story Collection
of Smt. CHINMAYEE PANDA

Printed & Published By : BARSHA PUBLICATION
Plot No; 513, Nuasahi, Nayapalli
Bhubaneswar-7510012
Mob: 9778035767

First Edition : August-2023
Picture Illustration by : Chinmayee Panda
Cover Design: Anwesha Kiran


Rs. 220.00
(Rupees Two Hundred Twenty Only)



## ପ୍ରଥମରୁ କିଛି କଥା .....

ପଶୁପକ୍ଷୀ ଓ ଜଙ୍ଗଲ ବିଷୟରେ ପିଲାଙ୍କ ମନରେ ଆଗ୍ରହ ସବୁବେଳେ ଅଧିକ ଥାଏ। ପ୍ରକୃତି ଓ ପଶୁପକ୍ଷୀଙ୍କ ଆଚରଣ ମଧ୍ୟ ସେମାନଙ୍କୁ ଖୁସି ଦେଇଥାଏ। ଜଙ୍ଗଲ, ପଶୁ, ପକ୍ଷୀ, ଗଛ ଓ ପାହାଡ଼ ସେମାନଙ୍କ କଳ୍ପନାକୁ ଅଧିକ ଶକ୍ତି ଯୋଗାଇଥାଏ।

'ସେହି ଜଙ୍ଗଲର କାହାଣୀ' ଲେଖିବା ବେଳେ ମୋ ଆଗରେ କେବଳ ସେହି ପିଲାମାନେ ଓ ମୋ ନିଜର ପିଲାବେଳ ରହିଥିଲା। ମୁଁ ମୋ ପାଇଁ ଓ ମୋ ପିଲାଙ୍କ ପାଇଁ ଗୋଟେ କାହାଣୀ ବୁଣୁଥିଲି, ଯାହା ସେଇ ଜଙ୍ଗଲ ଭିତରୁ ଶୁଭୁଥିଲା। ଏ ଲେଖା



ମୋତେ ବହୁତ ଖୁସି ଦେଇଛି । ଏହି କାହାଣୀର ପ୍ରତି ଚରିତ୍ର ସହିତ ମୁଁ ଏକାଠି ବଢ଼ିଛି । ଜଙ୍ଗଲ ଭିତରେ ଘଟୁଥିବା ପ୍ରତି ଘଟଣା ମୋ ଜୀବନର ଛୋଟଛୋଟ ଅଂଶ ଭଳି ମୋତେ ଲାଗିଛି । ଏ କାହାଣୀର ଚରିତ୍ରମାନେ ପିଲାଙ୍କ ଦୃଷ୍ଟିକୋଣରୁ ଗଢ଼ା ହୋଇଛନ୍ତି । ଜଙ୍ଗଲରେ ରହୁଥିବା ଏ କାହାଣୀର ଚରିତ୍ରମାନେ ଅନେକାଂଶରେ ଠିକ୍ ଆମ ପରି । ଜଙ୍ଗଲର ଜଗତ ଓ ମଣିଷର ଜଗତ ଭିତରେ ଖୁବ ଗୋଟେ ଦୂରତା କେବେ ନଥିଲା । ପଶୁମାନଙ୍କ ଅଭ୍ୟାସ ଓ ଚରିତ୍ରକୁ ଆଧାର କରି ଏହି କାହାଣୀ ସବୁ ଲେଖିବା ବେଳେ ମୋ ଭିତରର ପିଲାଦିନ ଆଉଥରେ ଫେରିଆସିଛି । କାହାଣୀର ଗତି ସହିତ ସ୍ନେହ, ମମତା, ବନ୍ଧୁତ୍ୱ, ସାହସ, ଧୈର୍ଯ୍ୟ,ଏକତା ଇତ୍ୟାଦି ମଣିଷ ସୁଲଭ ଗୁଣ ଗୁଡିକ ଆପେଆପେ ଯୋଡି ହୋଇଯାଇଛି ।

ପିଲାଙ୍କ ବହି ପିଲାଙ୍କ ପାଖେ ପହଞ୍ଚି ପାରିଲେ ଖୁସିହେବି । ଏହି ବହିଟିର ଚିତ୍ରଗୁଡିକୁ ଆଙ୍କିବା ବେଳେ ସେହି ଚରିତ୍ର ଗୁଡ଼ିକ ସହ ଏକାତ୍ମ ହୋଇଛି । ଆଶାକରେ, ମୋ କାହାଣୀ ଓ ଚିତ୍ର ସବୁ ପିଲାଙ୍କୁ ପସନ୍ଦ ଆସିବ ।

ପ୍ରଚ୍ଛଦପଟ ଚିତ୍ର ପାଇଁ ଅନ୍ୱେଷା କିରଣଙ୍କୁ ଧନ୍ୟବାଦ । ବର୍ଷା ପବ୍ଲିକେସନ୍ ଓ ପ୍ରକାଶକ ଶ୍ରୀ ବାଦଲ ମହାନ୍ତିଙ୍କୁ ମଧ୍ୟ ଆନ୍ତରିକ ଧନ୍ୟବାଦ ।

**- ଚିନ୍ମୟୀ ପଣ୍ଡା (ଲେଖିକା)**

# ସୂଚିପତ୍ର


| | |
|---|---|
| ଗନ୍ଧର୍ବ ପାହାଡ଼ | ୫ |
| ଭୂତ କ'ଣ ସତରେ ଥାଏ | ୯ |
| ଚକଚକିଆ ଆଖି କାହାର | ୧୪ |
| ଲୁଚକାଲୁଚି ଖେଳ | ୧୯ |
| ଦାଦାବାବୁଙ୍କୁ ଜ୍ୱର | ୨୪ |
| ଜୀବନ ପୁଣି କ'ଣ ? | ୨୮ |
| ଜୀବନର ଠିକଣା ଖୋଜା ଅଭିଯାନ | ୩୨ |
| ଆରେ ବାପ୍‌ରେ ବାପ୍ ! | ୩୫ |
| ମୁଁ କେବେ ବଡ଼ ହେବି ? | ୩୯ |
| ବଡ଼ମାନେ ଠିକ୍ କହନ୍ତି, ବେଳେବେଳେ | ୪୪ |
| ଯୋଜନାର ସମୟ | ୪୮ |
| ଚାଲ ମାଡ଼ି ଚାଲ | ୫୨ |
| ଓଃ ! ସତେ କି ବିପଦ ! | ୫୬ |
| ବଳଠୁ ବଳଶାଳୀ ବୁଦ୍ଧି | ୬୦ |
| ମା' ମୁଁ ଠିକ୍ କାମ କରିନି | ୬୪ |
| ସତରେ, ସମସ୍ତେ କେତେ ଭଲ | ୬୭ |
| ନିଜ ବରାବର କିଏ ? | ୭୦ |
| ଆମେ ଆମକୁ ଭଲପାଉ | ୭୩ |
| ଓ ! ଯା ଭିତରେ ପୁଣି ଏତେକଥା | ୭୬ |



# ଗନ୍ଧର୍ବ ପାହାଡ଼

କୁନି ବାଘ ଛୁଆଟି ଭାରି ଖୁସି ଥାଏ । ଦୁଇଟି ଚିତାବାଘ ଛୁଆ, ଗୋଟିଏ ମାଙ୍କଡ ଓ ନୀଳଗାଈ ଛୁଆଙ୍କୁ ନେଇ ତା' ଦଳ ସେ ଗଢିଥାଏ । 'ଶକ୍ତି' ନାଁ ଦେଇଥିଲେ ବାପା ତାକୁ ।

'ଗନ୍ଧର୍ବ ପାହଡ' ଏହି ଜଙ୍ଗଲର ନାଁ । ଶକ୍ତିର ବାପା 'ସୌରଭ' ଥିଲେ ସେ ଜଙ୍ଗଲର ରାଜା । ସୌରଭ ଆକାରରେ ଏକ ବିରାଟ ବାଘ ଥିଲେ । ମହା ପରାକ୍ରମୀ ଓ ବୁଦ୍ଧିମାନ ସେ ଥିଲେ । ବାପା ହିସାବରେ ମଧ୍ୟ ସେ ଅତି ଉତ୍ତମ ଥିଲେ ।

ଜଙ୍ଗଲର ଭଲମନ୍ଦ ଓ ଜଣେ ରାଜାର କର୍ତ୍ତବ୍ୟ ବିଷୟଗୁଡ଼ିକ ଅତି ପ୍ରାଞ୍ଜଳ ତଥା ସହଜ ଶବ୍ଦରେ ଶକ୍ତିକୁ ବୁଝାଉଥିଲେ ।

ସେଦିନର କଥା ଆଜି ବି ମନେଅଛି ଶକ୍ତିର । ଗଧିଆମାନେ ଷଡଯନ୍ତ୍ର କରି ତା'

ବାପାଙ୍କୁ ହତ୍ୟା କରିଥିଲେ। ଅବଶ୍ୟ ଗଧିଆମାନଙ୍କ ସାହସ ହୋଇନଥାନ୍ତା ଯଦି ଅନ୍ୟ ଜଙ୍ଗଲର କପଟିଆ ମନ୍ତ୍ରୀ ବାରହା ଉସକେଇ ନଥାନ୍ତା। ବେଳେବେଳେ ସେ କଥା ଭାବି ଶକ୍ତିର ଆଖିରୁ ଦୁଇଟାପା ଲୁହ ଝରିଆସେ।

ଶକ୍ତି ଏତେ ବଡ ଜଙ୍ଗଲର ଯୁବରାଜ ହେଲେ ମଧ୍ୟ ଏକ ସାଧାରଣ ପଶୁଛୁଆଙ୍କ ଭଳି ତା' ଲାଳନପାଳନ ହୋଇଥିବାରୁ ଜଙ୍ଗଲର ସମସ୍ତ ଛୋଟବଡ ପଶୁପକ୍ଷୀଙ୍କ ସାଥିରେ ସେ ମିଳାମିଶା କରେ।

'ସମ୍ପୂର୍ଣ୍ଣ ଜଙ୍ଗଲର ପ୍ରତିଟି ଜୀବନ ଆମ ଦାୟିତ୍ୱ ଶକ୍ତି ! ସେଥିରେ କୌଣସି ଭୁଲ ଆମେ ବରଦାସ୍ତ କରିପାରିବା ନାହିଁ।' ବାପାଙ୍କ ଏହି କଥା ଶକ୍ତିକୁ ଦାୟିତ୍ୱବାନ କରିବାରେ ସମର୍ଥ ହୁଏ। ମାତ୍ର ଚାରିବର୍ଷ ବୟସର ବାଘଛୁଆ ବୋଲି ଭାବେନି ବରଂ ନିଜକୁ ସେ ସମସ୍ତଙ୍କ ସୁଖଦୁଃଖର ସାଥି ବୋଲି ଭାବେ।

ବାପାଙ୍କ ପରେ ଏବେ ତା' ମା ଜଙ୍ଗଲର ଭାର ସମ୍ଭାଳିଛନ୍ତି। ତେଣୁ ବୁଢା ସିମ୍ପାଞ୍ଜି ଯାହାକୁ ସେ ଦାଦାବାବୁ ଡାକେ, ତା' ଶିକ୍ଷକ ଓ ତା ଯତ୍ନ ନେବା ଦାୟିତ୍ୱ ତୁଲାଉଛନ୍ତି।



ଯୁଦ୍ଧବିଦ୍ୟା ସହ ବିଜ୍ଞାନ ଓ ସାମାଜିକ ଶିକ୍ଷା ସହିତ ଅନ୍ୟମାନଙ୍କ ପ୍ରତି ସମ୍ବେଦନଶୀଳ ହେବା ଶିଖେ ଶକ୍ତି ।

ଦିନ ତମାମ୍ ଖେଳକୁଦ କରେ ଶକ୍ତି । ଜଙ୍ଗଲରେ ଦିନ ଆରମ୍ଭ ହୁଏ ଭୋର ସମୟରୁ । ସୂର୍ଯ୍ୟ ମୁଣ୍ଡ ଉପରକୁ ଆସିଲେ ଶକ୍ତିର ଶିକ୍ଷକ ତାଙ୍କ ଆସନରେ ବସିଯାଆନ୍ତି । ଅନେକ ଛୁଆପଶୁ ରୁଣ୍ଡ ହୁଅନ୍ତି ପଢିବା ପାଇଁ ।

ବିଶାଳ ସର୍ପିଣୀ 'ଥାନି'କୁ ସବୁବେଳେ ସନ୍ଦେହ ଚକ୍ଷୁରେ ଦେଖାଯାଏ । ଶକ୍ତି ଆଜିଯାଏଁ ସନ୍ଦିହାନ ଯେ ଥାନି ଚାହେଁ କ'ଣ ? ଶକ୍ତିର କ୍ଷତି ? ଜଙ୍ଗଲର କ୍ଷତି ?

ଦାଦାବାବୁ କହନ୍ତି, 'ନିଜ ବୁଦ୍ଧି ବଳରେ ତୁମକୁ ତୁମ ଆପଣା ଓ ପର ସବୁ ବୁଝିବାକୁ ପଡିବ ରାଜକୁମାର ।'


ବୁଢା ମାଙ୍କଡଟିଏ ସବୁବେଳେ ଶକ୍ତି ଉପରେ ନଜର ରଖି ବସିଥାଏ । ଶକ୍ତି ବେଳେବେଳେ ଡରେ ତା ଉପସ୍ଥିତିକୁ ନେଇ ।

ବାପାଙ୍କ ମୃତ୍ୟୁ ପରେ, ସରଳ ହେଇପାରୁନି ଶକ୍ତି । ସମସ୍ତଙ୍କୁ ସେ ଟିକେ ଟିକେ ସନ୍ଦେହ କରେ ଓ ନିଜ ସନ୍ଦେହକୁ ନେଇ ଦ୍ୱିଧାରେ ମଧ୍ୟ ଥାଏ ।

ପାହାଡର ଉପର ମୁଣ୍ଡକୁ ଯାଇ ତଳକୁ ଚାହିଁଲା ଶକ୍ତି ।

ବିପାସା ନଦୀର ଅଙ୍କାବଙ୍କା ଗତିପଥ, ଉପରେ ଜହ୍ନ, ଭସା ମେଘ ସବୁ ସହିତ ସୁଲୁସୁଲିଆ ପବନରେ ଉତଫୁଲ୍ଲିତ ହେଲା । କିନ୍ତୁ କିଛି କ୍ଷଣ ପାଇଁ । କେଉଁଠୁ ତା'





ବାପାଙ୍କ ସ୍ୱର ଶୁଭିଲା,
'କାହାକୁ ସହଜରେ ବିଶ୍ୱାସ କରିବୁନି ରାଜା। ମା'ଙ୍କ ଯତ୍ନ ନେବୁ।'

ଏଇୟା ଥିଲା ମହାରାଜ ସୌରଭଙ୍କ ଶେଷ କଥା। ସେ ଶକ୍ତିକୁ ରାଜା ଡାକନ୍ତି। ଅବଶ୍ୟ ଅତି ଗୁରୁତ୍ୱପୂର୍ଣ୍ଣ ସମୟରେ।

ଦୀର୍ଘନିଃଶ୍ୱାସ ମାରିଲା ଶକ୍ତି। ମା'ଙ୍କୁ ଖୋଜିବା ଉଦ୍ଦେଶ୍ୟରେ ପାହାଡରୁ ତଳକୁ ଖସିଲା।

ଠାଏଁଠାଏଁ ଜହ୍ନ ଆଲୁଅରେ ଜଙ୍ଗଲଟି ସୁନ୍ଦର ଦିଶୁଥାଏ। ଅନ୍ଧାରରେ ଖସ୍‌ଖସ୍ ଶବ୍ଦ ସହିତ ପେଚା ଓ ଉଲ୍ଲୁକଙ୍କ କୁହାଟ ଚମକେଇ ଦଉଥାଏ। ଚେମେଣିମାନେ ଉହାଉଡ଼ି କରୁଛନ୍ତି। ଗମ୍ଭୀର ମନରେ ଶକ୍ତି ଫେରିଲା ଘରକୁ। ବୁଢ଼ାମାଙ୍କଡ଼ଟି ପୁଣି ଦେଖାଗଲା ଗଛ ଭିତରୁ।



# ଭୂତ କ'ଣ ସତରେ ଥାଏ

ଘର ଭିତରକୁ ଗଲା ଶକ୍ତି। ପୁଣି ବାପାଙ୍କ କଥା ମନେପଡିଲା।

'ଆମ ରାଜା ଆସିଲେ। ସ୍ୱାଗତ କରାଯାଉ ଏହି କୁନି ରାଜାଙ୍କୁ।' କହି ନିଜ ଆଡକୁ ଟାଣି ନିଅନ୍ତି ଶକ୍ତିର ବାପା ତା'କୁ।

ଦିହେଁ ବହୁତ ଖେଳନ୍ତି। ବେଳେବେଳେ ବାପା ତା'କୁ କୁତ୍‌କୁତ୍ କରନ୍ତି। ସେ ହସି ହସି ଗଡିଯାଏ। ପୁଣି ନିଜ ହାତ ସହିତ ତା' ହାତ ମିଶାଇ କୁହନ୍ତି, 'କାହା ପଞ୍ଝା ବଡ କହିଲୁ।'

ବାପାଙ୍କ ଆସନ ପାଖେ ଠିଆହାଇ ଶକ୍ତି ଅତୀତରେ ହଜିଯାଇଥିଲା।

ମା' ଡାକିଲେ, 'ଶକ୍ତି ! ଆସିଲୁଣି ?'

'ହଁ, ହଁ ମା'। ଶକ୍ତି ଆଖି ପୋଛି କହିଲା।

ମା'ଙ୍କ ପାଖେ କୋଉ କଥା ଲୁଚିରହେ ଯେ, ମା' ସବୁ ଜାଣିଦିଅନ୍ତି।

'ଶକ୍ତି ! ଏତେ ଦୁଃଖ କରନା ରାଜା। ବାପା ତୋ ଭିତରେ ବଞ୍ଚି ରହିବେ ସବୁଦିନ ପାଇଁ। ମା' ଶକ୍ତିକୁ ଟାଣିନେଲେ କୋଳକୁ।

'ମା'। ଶକ୍ତି ଡାକିଲା।

'ହୁଁ'। ମା' କହିଲେ।

'ମା' ଆଉ କେତେଦିନରେ ମୁଁ ପୂରା ବଡ ହେଇଯିବି ? ଏକଦମ୍ ବଡ଼। ଏତେ ବଡ଼। ଉପରକୁ ହାତ ଉଠାଇ କହିଲା ଶକ୍ତି।

'ମାନେ ତୁ କହିବାକୁ ଚାହୁଁ, ତୋ ବାପାଙ୍କ ଭଳି। ଏଇୟା ତ ?' ମା' ହସିହସି କହିଲେ।

'ମା, ତମେ ସବୁ ଜାଣିପାର।' ମା'ଙ୍କୁ ଭିଡିଧରି ଗେଲ ହୋଇ କହିଲା ଶକ୍ତି।

ଜଙ୍ଗଲର ସକାଳୁଆ ଦୃଶ୍ୟ ଭାରି ମନୋରମ। ସିନ୍ଦୂରା ଫାଟିନଥାଏ, ପକ୍ଷୀମାନେ ଯେଝା ଘରୁ ବାହାରି ଅନେକ ପ୍ରକାର ଶବ୍ଦରେ ଭରିଦିଅନ୍ତି ପୂରା ଜଙ୍ଗଲକୁ। ଦିଗବଳୟରେ ଆକାଶ ପ୍ରତି ମୁହୂର୍ତ୍ତରେ ରଙ୍ଗ ବଦଳାଉଥାଏ। ଅନ୍ଧାର ଭେଦି ଆଲୋକର ଧୀର ପ୍ରବେଶ କି ସୁନ୍ଦର ତାହା ଜଙ୍ଗଲ ଆକାଶ ହିଁ କହିପାରେ। ଜଙ୍ଗଲି ଫୁଲ ସବୁ ଆସ୍ତେଆସ୍ତେ ନିଜକୁ ଖୋଲନ୍ତି।

ଶକ୍ତି ଭଳି ଅନେକ ପଶୁଛୁଆ ସକାଳୁ ଖେଳିବା ପାଇଁ ଏକାଠି। ଅନେକ ଶବ୍ଦର କୋଳାହଳକୁ ନେଇ ଜଙ୍ଗଲ ମୁଖରିତ। ଖେଳ ସରେନି ଏହି ଛୁଆ ପଶୁମାନଙ୍କର। କୋଉ ଗଛରେ ଚଢିଲେଣି ତ' କୋଉଠି ପାଣିରେ ପଶିଲେଣି।

ଖୁସିରେ ଲୁଚିଲୁଚି ଖେଳୁଖେଳୁ ମିଙ୍କି ମାଙ୍କଡ଼ ଦେଖିଲା ଗୋଟିଏ ଗାତ।



ଗାତ ଭିତରେ ମାଟି ତଳୁ ଦି'ଟି ଛୋଟ ମୁଣ୍ଡ ଦେଖିବାକୁ ପାଇଲା । ମୁଣ୍ଡ ଦିଓଟି ମାତ୍ର ଆଖିଯାଏଁ ଦେଖାଯାଉଥାଏ । ଏମିତି ଦୃଶ୍ୟ ଆଗରୁ ଦେଖିନଥିଲା ମିଙ୍କି ।

ଖେଳ କଥା ଭୁଲି ଦୌଡ଼ିଲା ତା' ସାଙ୍ଗମାନଙ୍କ ପାଖକୁ ।

'ଶକ୍ତି.........ସୁମା.....ଲିମ୍ପି.....'

ସାଙ୍ଗମାନଙ୍କୁ ଡାକି ଡାକି ମିଙ୍କି ଧଇଁସଇଁ ହୋଇ ଦୌଡ଼ିଲା ।

'ହେ ମିଙ୍କି ତୁ ଧରାପଡିଲୁ ।' କହିଲା ଶକ୍ତି ।

'ହାଁ....ହାଁ..... ହାଁ' ଖାଲି ହାଲିଆ ହୋଇ ବଡ଼ ବଡ଼ ନିଃଶ୍ୱାସ ମାରୁଥାଏ ମିଙ୍କି ।

'କ'ଣ ହେଲା ?' ପଚାରିଲା ଶକ୍ତି ।

'ହେ ମିଙ୍କି ତୁ କ'ଣ ଭୂତ ଦେଖିଲୁ ?' କହିଲା ନୀଳଗାଈ ଛୁଆ ସୁମା ।

'ନା, ମ ଏଇସବୁ ବାହାନା । ଧରାପଡିଗଲା ତ' ସେଥିପାଇଁ । କହିଲା ବାରହା ଛୁଆ ଲିମ୍ପି ।

ନିଃଶ୍ୱାସ ନେଇ ଦଣ୍ଡେ ରହି ମିଙ୍କି କହିଲା– ହଁ ! ଭୂତର ଆଖି ଦେଖିଲି । ବଡ଼ବଡ଼ ଆଉ ଚକ୍‌ଚକ୍ । ସେ ଗାତ ଭିତରେ ଅଛି ଭୂତ । ଭୂତିଆ ଗାତ ସେଇଟା । ଆଆଆଆ.... ଚାଲ ଚାଲ ପଳେଇବା ।' ଏତିକି କହିବାବେଳେ ମିଙ୍କି ଡେଇଁକି ଗଛ ଉପରେ ।

'ଭୂତଅଅଅଅଅ'



ସମସ୍ତେ ଚିତ୍କାର କରି ପଡି ଉଠି ଧାଇଁଲେ।

ସେଇ ଜାଗାରୁ ବହୁତ ଦୂରକୁ ଯାଇ ଠିଆ ହେଲେ ସମସ୍ତେ।

ପୋଖରୀରୁ ପାଣି ପିଇଲେ।

ପାଣି ପିଇବାବେଳେ ନିଜ ପ୍ରତିବିମ୍ବକୁ ଦେଖି ଶକ୍ତି ମିଙ୍କିକୁ ପଚାରିଲା– 'କ'ଣ ଏମିତି ଆଖି ଥିଲା କି ?'

'ହଁ, ଏମିତି। ନା ନା ୟାଠୁ ବଡ଼।' ଭାବି ଭାବି କହିଲା ମିଙ୍କି।

ଶକ୍ତିର ମନ ଆଉ ଖେଳରେ ଲାଗିଲା ନାହିଁ। ଖାଇସାରି ସମସ୍ତେ ହାଲିଆ ହୋଇ ଶୋଇଗଲେଣି। ଏଇ ସମୟରେ ଛୁଆପଶୁ ସବୁ ଶୋଇଯାଆନ୍ତି। କେତେବେଳେ ଗଛତଳେ ତ' କେତେବେଳେ ପାହାଡ ସନ୍ଧିରେ। ଶକ୍ତି ବି ଶୋଇଗଲା। ମାତ୍ର କିଛିକ୍ଷଣରେ ତା' ନିଦ ଭାଙ୍ଗିଗଲା।

'ଏହି ଜଙ୍ଗଲର ଦାୟିତ୍ୱ ତୋ ହାତରେ ରାଜା।'

ତା ବାପାଙ୍କ କଥା ମନେପଡିଲା।

'ସତରେ କ'ଣ ଭୂତ ?' ଭାବିଲା ଶକ୍ତି।

ସନ୍ତର୍ପଣରେ ଉଠି ଚାଲିଲା ସେହି ଗାତ ପାଖକୁ। ମନରେ ଡର ବି ଥାଏ। ଶକ୍ତି ଭାବୁଥାଏ, 'ଭୂତ କ'ଣ ବହୁତ ବଡ଼ ?'

'ଭୂତ କ'ଣ ମତେ ଧରିଦବ ?'

'ଭୂତ କ'ଣ ମତେ ମାରିଦେବ ?'

ପୁଣି ନିଜକୁ ବୁଝାଏ, 'ତୁ ତ' ରାଜପୁତ୍ର। ତୁ କ'ଣ ଡରୁଚୁ ?'

ଡର, ଭୟ, ସାହସ, ଶଙ୍କା ସବୁ ନେଇ ଚାଲିଲା ଶକ୍ତି ସେଇ ଗାତ ଆଡକୁ।

ବୁଢା ମାଙ୍କଡଟି ସବୁ ଦେଖୁଥାଏ। ଶକ୍ତିର ପ୍ରତି ଗତିବିଧି ଉପରେ ନଜର ରଖିଥାଏ।



# ଚକଚକିଆ ଆଖି କାହାର

ଶକ୍ତି ସେଇ ଗଛକୁ ଠିକ୍‌ରେ ଜାଣିପାରି ନଥିଲା, ଯୋଉଠି ମିଙ୍କି ଗାତ ଓ ଆଖି ଦେଖିଥିଲା। ତେଣୁ ଶକ୍ତି ସେହି ପାଖାପାଖି ସବୁ ଗଛ, ଗାତ, ଗୁମ୍ଫାରେ ଖୋଜିବାରେ ଲାଗିଲା। କିଛି ପାଇଲା ନାହିଁ। ଥକ୍କା ହୋଇ ବସିଗଲା ଗୋଟିଏ ଛୋଟ ଗୁମ୍ଫାର ଦ୍ୱାର ପାଖେ। ଜଙ୍ଗଲରେ ସନ୍ଧ୍ୟା ଜଲଦି ଆସେ। ଛାଇ ଆଲୁଅ ଖେଳି ଖେଳିକା ଜଙ୍ଗଲରେ ସନ୍ଧ୍ୟା ହଠାତ୍ ଆସିଯାଏ। ସେଇ ଦିନ ବି ସେମିତି ସନ୍ଧ୍ୟା ଆସିବା ଉପରେ ହେଲାଣି।

ଶକ୍ତି ଭାବିଲା, ‘ମିଙ୍କିଟା ଡରେଇ ମାଙ୍କିଡ଼ି। କାଇଁ କୋଉଠି ତ କିଛି ନାଇଁ। ବେକାର ସମୟ ନଷ୍ଟ ହେଲା।’

ହଠାତ୍ ସେଇ ଗୁମ୍ଫା ଭିତରୁ ଅଜବ ଶବ୍ଦ ଶୁଣାଗଲା।

ଶକ୍ତି ଭାବିଲା, ‘ଏଇଟା କ’ଣ ସେଇ ଜାଗା ?’

ସାହସ ବାନ୍ଧି ଭିତରକୁ ଗଲା।

ଭିତରେ ଏକଦମ୍ ଅନ୍ଧାର।

ଗୁମ୍ଫାର ତଳେ ଗୋଟିଏ ଗାତ। ଶକ୍ତି ସେଇ ଗାତ ପାଖକୁ ଗଲା।

ଶକ୍ତି ଦେଖିଲା ଚାରି ପାଞ୍ଚଟି ଛୋଟ ଛୋଟ ମୁଣ୍ଡ ଉପରକୁ ଉଠିକି ରହିଛି। ମିଙ୍କି କହିବା ଭଳି ବଡ଼ବଡ଼ ଆଖି।

ଶକ୍ତି ପଛକୁ ଘୁଞ୍ଚି ଆସିଲା।

ଗୁମ୍ଫା ଭିତରେ ଗୋଟିଏ ପ୍ରାଣୀ ପଶିବା ସେ ଦେଖିଲା। ତେବେ ସେ ଏହିଭଳି କାହାକୁ କେବେ ଦେଖି ନଥିଲା। ଶକ୍ତି ଡରିଗଲା, ତଥାପି ବି ସାହସ ନେଇ ପଚାରିଲା –

'ତମେ କ'ଣ ଭୂତ ?'

'ନା।'

ସେ ଅଜବ ପ୍ରାଣୀଟି କହିଲା।

'ମୁଁ ତ ତୁମକୁ ଆଗରୁ ଦେଖିନି।' ଶକ୍ତି ପ୍ରଶ୍ନ କଲା।

'କୁହ ତୁମ ନାମ କ'ଣ ? ତୁମେ ଏଇ ଜଙ୍ଗଲର ମିତ୍ର ନା ଶତ୍ରୁ ?' ଶକ୍ତି ପୁଣି ପଚାରିଲା।

କଥାବାର୍ତ୍ତା ଶୁଣି ପାଖ ଗଛରୁ ବୁଢ଼ା ପେଚା କାକୁ ମଉସା ଆସିଲେ। କାକୁ ମଉସାଙ୍କୁ ସମସ୍ତେ ମାନନ୍ତି। ସେ ବହୁତ ଜ୍ଞାନୀ। ସୁବିଧା ଅସୁବିଧାରେ ଜଙ୍ଗଲର ସବୁ ପଶୁପକ୍ଷୀ ତାଙ୍କ ଠାରୁ ଉପଦେଶ ନିଅନ୍ତି।





'ଆରେ ଶକ୍ତି ! ଆମ ଜଙ୍ଗଲର ଯୁବବରାଜ । କଥା କ'ଣ ?' କାକୁ ମଉସା କହିଲେ ।

'ମଉସା, ୟେ କିଏ ? ୟେ କ'ଣ ଭୂତ ?' ପଚାରିଲା ଶକ୍ତି ।

'ହେଃ, ଭୂତ କ'ଣ ? ୟେ ହେଲେ ଓଧ । ଯେମିତି ତମେ ବାଘ, ମୁଁ ପେଚା, ସେମିତି ୟେ ହେଲେ ଓଧ ।' କାକୁ ମଉସା ବୁଝେଇ ଦେଲେ ।

'ଓଧ ! ଆଚ୍ଛା, ଏମିତି ପ୍ରାଣୀ ମଧ୍ୟ ଆମ ଜଙ୍ଗଲରେ ତେବେ ରୁହନ୍ତି ?' କହିଲା ଶକ୍ତି ।

'ହଁ, ଏମିତି ବହୁତ ପ୍ରାଣୀ ଅଛନ୍ତି ଯାହାଙ୍କୁ ତୁମେ ଜାଣନା ।' କହିଲେ କାକୁ ମଉସା ।

'ଆଉ ଯୋଉ ସେ ତଳେ ବଡ଼ବଡ଼ ଆଖି ଥିବା ଭୂତ ଅଛନ୍ତି, ସେ କିଏ ?' ଶକ୍ତି ସେଇ ଗାତ ଆଡେ ଦେଖାଇ ପଚାରିଲା ।

'ସେମାନେ ମୋ ଛୁଆ ଯୁବବରାଜ ।' କହିଲା ଓଧ ।

'ମୋର ପାଞ୍ଚଟି ଛୁଆ । ସେମାନଙ୍କୁ ମୁଁ ମାଟିତଳେ ଲୁଚାଇ ରଖେ । ସେମାନେ

ଏବେ ବଡ ହେଲେଣି । ତେଣୁ ବାହାରକୁ ଆସିବାକୁ ଚାହାନ୍ତି ।' ଆଉଥରେ ବୁଝାଇ କହିଲା ଓଧ ।

'ଓଃ ! ଏମିତି କଥା । ତାହେଲେ ଭୂତ ଏଠି କେହି ନାଇଁ ।'


ଆଚ୍ଛା, ତୁମେ ସେମାନଙ୍କୁ ବାହାରକୁ ଆସିବାକୁ କହିପାରିବ କି ?

'ମତେ ଖୁବ୍ ଇଚ୍ଛା ହେଉଛି ସେମାନଙ୍କୁ ଦେଖିବାକୁ ।' ଶକ୍ତି କହିଲା ।

'ହଁ ନିଶ୍ଚୟ । ଆସ ସା, ରେ, ଗା, ମା, ପା । ଏଥର ତୁମେ ବାହାରେ ଖେଳବୁଲ କରିପାରିବ ।'

ମା' କଥା ଶୁଣି, ପାଞ୍ଚଟି ଛୁଆ ଧୁମ୍‌ଧାମ୍ ହେଇ ବାହାରି ଆସିଲେ । ଖୁସିରେ କିଏ କୋଉଠି ଗଡ଼ାତଡ଼ା ହେବାରେ ଲାଗିଲେ । ଶକ୍ତି ଟିକେ ଘୁଞ୍ଚିଗଲା । ଇତଃସ୍ତତଃ ଭାବେ ଶକ୍ତି କହିଲା– 'ହଉ, ମୁଁ ଯାଉଚି । ମୋ ସାଙ୍ଗମାନେ ବହୁତ ଖୁସି ହେବେ ଏହା ଜାଣି ଯେ ଭୂତ ବୋଲି କେହି ନାହିଁ । ଆଚ୍ଛା, ଓଧ ମାଉସୀ ! ଏମାନଙ୍କ ନାଁ କ'ଣ ଏମିତି.... ? ନା' ଠିକ୍ ଅଛି ଯେ... ।'

'ସା, ରେ, ଗା, ମା, ପା ଏମିତି ତ' ନାଁ । ଏମିତି ହେଲେ ମତେ ଲାଗୁଚି ମୁଁ ଗୀତ ଗାଉଚି । ସତରେ ଯୁବରାଜ ମୁଁ ବହୁତ ଭଲ ଗୀତ ଗାଏ । ସା.. ଆଆଆଆ ରେ..ଏଏଏଏଏ ଗା... ଆଆଆ ।





କାକୁ ମଉସା ଧୀର ସ୍ୱରରେ କହିଲେ- 'ଶକ୍ତି ଆଉଦିନେ ଗୀତ ଶୁଣିବ। ଚାଲ ଘରକୁ ଯିବା।'

ଶକ୍ତି ଗୁମ୍ଫା ବାହାରକୁ ଆସି କାକୁ ମଉସାଙ୍କୁ ପୁଣି ଆସିବ କହି ଘର ଅଭିମୁଖେ ଚାଲିଲା। ତା' ମନ ଆଜି ବହୁତ ଖୁସି। ଘରେ ମା'ଙ୍କୁ କେତେକଥା କହିବାର ଅଛି। ପୁଣି ଏଇ ଯୋଡ ନୂଆ ପ୍ରାଣୀ ଓଧ ତାକୁ ଭାରି କୌତୁକିଆ ମନେହେଲେ। ଓଧ ମାଉସୀର ଗୀତ କଥା ମନେପଡିଲା। ତେଣୁ ହସିହସି ଶକ୍ତି ଘର ରାସ୍ତାକୁ ମୁହାଁଇଲା।





# ଲୁଚକାଲୁଚି ଖେଳ

ସେଦିନ ରାତିରେ ଶକ୍ତି ମା'ଙ୍କୁ ଓଧ ମାଉସୀ କଥା କହି ବହୁତ ହସାଇଲା। ମା' ଜାଣି ଖୁସିହେଲେ ଯେ, ଶକ୍ତି ଜଙ୍ଗଲର ସୁରକ୍ଷା ପାଇଁ ତତ୍ପର। ନୂଆ ପ୍ରାଣୀମାନଙ୍କ ସହ ପରିଚିତ ହେବା, ସେମାନଙ୍କ ଜୀବନଶୈଳୀରେ ଉତ୍ସୁକତା ରଖିବା, ଏହା ଏକ ଭଲ ରାଜାର ଲକ୍ଷଣ ବୋଲି ମା' ବୁଝିପାରିଥିଲେ।

'ଶକ୍ତି ! ତୁ କ'ଣ ଆଗରୁ ଓଧ ଦେଖିନୁ।' ମା ପଚାରିଲେ।

ନା, ମୁଁ ଦେଖିଥିଲେ ଭୂତ ବୋଲି ଡରିଥାଆନ୍ତି ? ଆଛା ମା' ସେମାନେ ଖାଆନ୍ତି କ'ଣ ?' ଶକ୍ତି ପଚାରିଲା।

ଓଧମାନେ ମାଛ ଖାଆନ୍ତି। ସେମାନେ ଭଲ ପହଁରି ପାରନ୍ତି।

ସେମାନେ କୌତୁକିଆ କାମ ସବୁ କରନ୍ତି। ମତେ ହସଲାଗେ ସେମାନଙ୍କ କାମ ସବୁ ଦେଖିଲେ।' କହିଲେ ମା'। ମା'ଙ୍କ ପାଖେ ଖୁସିରେ ହସିହସି ଶୋଇଗଲା ଶକ୍ତି।

ହେଲେ ଶକ୍ତିର ସରଳତା ଦେଖି ମା' ବହୁତ ବିଚଳିତ। କେବେ ଛୁଆରୁ ବଡ଼

ହେବ, ଦୁନିଆ ଖବର ବୁଝିବ ? ବହୁତ କିଛି ଚିନ୍ତାକରି ମା' ସୁମନାଙ୍କ ଆଖିରେ ନିଦ ନାହିଁ । ଶକ୍ତିର ବାପା ସୌରଭଙ୍କୁ ସେ ମନେ ପକାଇ ବହୁତ ଦୁଃଖ କଲେ ।

ସକାଳ ପାହିବା ଆଗରୁ ଏହି ପଶୁ ପିଲା ସବୁ ଏକାଠି ରୁଣ୍ଡ ପାହାଡ ତଳେ । ଶକ୍ତିର ଆଜି କାହିଁକି ବିଳମ୍ବ ହେଉଛି । ମିଙ୍କି ଭାରି ଉଛନ୍ନ ହେଲାଣି । ଶକ୍ତି ଆସିଲେ ଖେଳଟା ଜମିବ । ଓଧଛୁଆ ପାଞ୍ଚଟି ଆସି ହାଜର । ମିଙ୍କି, ଲିମ୍ପି, ସୁମା ସମସ୍ତେ ସେମାନଙ୍କୁ ଦେଖି ଆଶ୍ଚର୍ଯ୍ୟ ହେଇ ଚାହିଁଥାଆନ୍ତି । ସେମାନଙ୍କ ଚିଁ ଚିଁ ଚିଲ୍ଲେଇବା ଶବ୍ଦରେ ସୁମା କାନରେ ହାତଦେଇ ଆଆଆଆ ପାଟି କରୁଥାଏ । ଆଉ ସାତ/ଆଠଟି ଛୁଆ ମାଙ୍କଡ଼ ପାଖ ଗଛରେ ବସି ରହିଥାଆନ୍ତି ଶକ୍ତିକୁ ଅପେକ୍ଷା କରି ।

କଥା କଣ କି ସେମାନେ ବି ଶକ୍ତିର ଦଳରେ ମିଶି ଖେଳିବାକୁ ଚାହୁଁଥାଆନ୍ତି । ମିଙ୍କି କହିଥାଏ ଶକ୍ତି ହିଁ ସେହି ନିଷ୍ପତ୍ତି ନେଇପାରିବ । ଗୋଟିଏ ଜିରାଫ୍ ଛୁଆ ଗଛର ପତ୍ର ଖାଉଖାଉ କହିଲା- 'କ'ଣ ଚାଲିଛି ଏଇସବୁ । ଶାନ୍ତିରେ ଖାଇପାରୁନି ଏଠି ମୁଁ ।'

'କାଇଁ ତମେ ଖାଉନ । ଆମେ କ'ଣ ମନାକଲୁ ?' କହିଲା ସୁମା ।

'ମନା କରିବ କାହିଁକି । କିନ୍ତୁ ଏତେ ଶବ୍ଦ କରିବା କଣ ଦରକାର । 'ପୁଣି କହିଲା ଜିରାଫ୍ ଛୁଆଟି ।'



ତୁମେ ଠିକ୍ କହିଛ ଭାଇ। ମୁଁ ସମସ୍ତଙ୍କ ତରଫରୁ ଦୁଃଖିତ ଏବଂ କ୍ଷମା ଚାହୁଁଛି। 'ଶକ୍ତିର ଉତ୍ତରରେ ସମସ୍ତେ ଚାହିଁଲେ ସେହିଦିଗକୁ, ଯୋଉଠୁ ଶକ୍ତିର ସ୍ୱର ଶୁଣାଯାଉଥାଏ।

ପାଖ ଛୋଟିଆ ପାହାଡ଼ ତଳକୁ ଖସି ଆସୁଆସୁ ଶକ୍ତି କହୁଥାଏ ଏହି କଥା। ସମସ୍ତଙ୍କ ମୁହଁରେ ତତ୍ପରତା ଓ ସରସତା ଉକୁଟି ଉଠିଲା। ପୁଣି ଖୁସିରେ ନିଜ ନିଜ ସ୍ୱରରେ ପାଟିକରିବାରେ ଲାଗିଲେ।

'ଶାନ୍ତି ରଖ।' ଶକ୍ତି ଗମ୍ଭୀର ଭାବରେ କହିଲା।


'ଆମେ ଆଜି ପୁଣି 'ଲୁଚକୁଲୁଚା' ଖେଳିବା। ଏତିକି କହିବାବେଳେ କିଛି ଗଛ ଡାଳ ଡେଇଁ ସାରିଥିଲା ମିଙ୍କି।

'ତାହେଲେ ସେମାନଙ୍କ କଥା କ'ଣ?' ଓଧ ଛୁଆ ଓ ମାଙ୍କଡ଼ ପଲଙ୍କୁ ଦେଖାଇ କହିଲା ଲିମ୍ପି।

'ଆରେ, ସା,ରେ, ଗା, ମା, ପା ତମେ ସବୁ ଏଠି?' ହସି ହସି କହିଲା ଶକ୍ତି।

ଚିଁ ଚାଁ ଶବ୍ଦରେ ସେମାନେ ବୁଝେଇଦେଲେ ଯେ, ସେମାନେ ବି ଖେଳିବେ। ମାଙ୍କଡ଼ ଛୁଆ ସବୁ ଧୁମ୍ ଧାମ୍ ଡେଇଁକି ଆସି, ଶକ୍ତି ପାଖେ ରୁଣ୍ଡ।





'ଚାଲ ସମସ୍ତେ ତା'ହେଲେ ମିଶିକି ଖେଳିବା।' ଶକ୍ତି ଖୁସିରେ କହିଲା।

'ଆଚ୍ଛା, ମୋ ନାଁ ଜୁକୁନ୍। ମୁଁ ବି କ'ଣ ଖେଳି ପାରିବି ତମ ସହିତ ?' କହିଲା ଛୁଆ ଜିରାଫ୍‌ଟି।

'ଆମେ ସମସ୍ତେ ଏକାଠି ଖେଳିବା।' ହସି ହସି କହିଲା ଶକ୍ତି।

'ହଁ, ହେଲେ ଶବ୍ଦ ହବ ଖେଳିବାବେଳେ।' ସୁମା ଗମ୍ଭୀର ସ୍ୱରରେ କହିଲା।

ଏହି କଥାରେ ସମସ୍ତେ ଠୋ ଠୋ ହସିଲେ।

ଖେଳ ଆରମ୍ଭ ହେଲା। କିଏ କୋଉଠି ଲୁଚିଲେଣି। ହେଲେ ମାଙ୍କଡ଼ପଲ ଗଛ ଉପରୁ ସବୁ ଦେଖିପାରୁଥିଲେ କିଏ କୋଉଠି ଲୁଚିଚି। ଜିରାଫ୍ ବି ଲମ୍ବା ବେକ ନେଇ ସବୁ ଦେଖିପାରୁଥାଏ। ଶେରୁ ଓ ଶିବା ଦୁଇଟି ଚିତାବାଘ ଛୁଆ ସବୁବେଳେ ଶକ୍ତି ସାଥିରେ ରହିଥାଆନ୍ତି। ଗୁମ୍ଫାରେ ପଶିଲେ ବି କେହି ଦେଖିପାରୁଛି, ଗଛରେ ବୁଦାରେ, ଯୋଉଠି ଲୁଚିଲେ କେହି ନା କେହି ଦେଖୁଚି। ସମସ୍ତେ ଲୁଚିବାକୁ ଖାଜୁଛନ୍ତି କିନ୍ତୁ କିଛି ମିଳୁନି ସେହିଭଳି ସ୍ଥାନ। ବେଶ୍ କିଛି ସମୟ ସେମିତି ଦୌଡ଼ାଦୌଡ଼ି ପରେ ଥକିଯାଇ ସବୁ ଗୋଟିଏ ଜାଗାରେ ବସିଗଲେ।

'ଏଥର ଲୁଚକାଲୁଚି ଖେଳିବାକୁ ହେଲେ ଆମକୁ ପୁରା ଜଙ୍ଗଲରେ ଲୁଚିବାକୁ ହବ।' ଶକ୍ତି କହିଲା।

'ଦାଦାବାବୁ ତ' ମନା କରିଚନ୍ତି ନା ଶକ୍ତି ! ଆମକୁ ଏହି ଅଞ୍ଚଳରୁ ଅନ୍ୟ କୁଆଡେ ଯିବା ପାଇଁ।' ଶେରୁର କଥାରେ ଶକ୍ତି ଦ୍ୱିଧାରେ ଦେଖିଲା ଚାରିଆଡ଼େ।

ହଠାତ୍ ଘଞ୍ଚ ଗଛର ମଝିରେ, ପୁଣି ସେହି ବୁଢ଼ା ମାଙ୍କଡ଼ର ଉପସ୍ଥିତି ଶକ୍ତିକୁ ଚିନ୍ତିତ କରିଦେଲା। ବୁଢାମାଙ୍କଡ଼କୁ ବାସ୍ ଥରେ ଦେଖିଚି ଶକ୍ତି। ସେ କୋଉଠି ଲୁଚିଗଲା। ପୁଣି ସେହି ଗଛକୁ ଭଲଭାବେ ନିରେଖି ଦେଖିଲା ଶକ୍ତି, ନା.... କେହି ନାହିଁ।

ଉପରକୁ ଚାହିଁ ଶକ୍ତି କହିଲା, 'ସୂର୍ଯ୍ୟ ମୁଣ୍ଡ ଉପରେ। ଚାଲ ପାଠ ପଢିବା ସମୟ ହେଲାଣି।'

ଲୁଚକାଲୁଚି ସେତିକି ରହିଲା। ସମସ୍ତେ ଚାଲିଲେ ପାଠ ପଢିବାକୁ।





# ଦାଦାବାବୁ

ଦାଦାବାବୁ ପାଠ ପଢ଼େଇବା ପାଇଁ କେବେ ବିଳମ୍ବରେ ପହଞ୍ଚିବା କେହି ଜାଣିନାହାନ୍ତି । ଆଜି କିନ୍ତୁ ପିଲାମାନେ ଅପେକ୍ଷା କରି କରି ଖେଳ ଆରମ୍ଭ କଲେଣି । କେହି ଚିତ୍ ହେଇ ଶୋଇଲାଣି । କିଏ ଡିଆଁ ଡେଇଁ କଲାଣି ।

ଶକ୍ତି ଦାଦାବାବୁଙ୍କ ଗୁମ୍ଫା ଭିତରକୁ ଗଲା । ସେ ଶୋଇଥିବା ଦେଖି ଉଠେଇବା ପାଇଁ ଦେହରେ ହାତମାରି ଚମକି ପଡିଲା ଶକ୍ତି । ଏ କ'ଣ ଏମିତି ଗରମ କାହିଁକି ଲାଗିଲା ? ପୁଣି ଛୁଇଁଲା ।

'ହଁ, ଗରମ ତ ଅଛି ।' ଏଥର ଚିନ୍ତାରେ ପଡିଲା ଶକ୍ତି । ବାହାରକୁ ଆସି ସାଙ୍ଗମାନଙ୍କୁ ଜଣାଇଲା । କେହି କିଛି ଜାଣନ୍ତି ନାହିଁ ଯେ, ଦେହ ଗରମ କାହିଁକି ଲାଗେ ।

'ବୋଧେ ଦେହ ଖରାପ ଅଛି ।' କହିଲା ଜୁକୁନ୍ ଜିରାଫ୍ ।

ଶକ୍ତି ଦୌଡିଗଲା ରାଜବୈଦ୍ୟଙ୍କ ପାଖକୁ । ସେ ଗୋଟିଏ ବିରାଟ ବଗ । ବିଦେଶରୁ ଆସି ଏହି ଜଙ୍ଗଲରେ ରହିଯାଇଥାଏ । ଚେରମୂଳ ଓ ପାଣିପାଗ ଉପରେ ଭଲ ଜ୍ଞାନ ଦେଖି ରାଜା ତାକୁ ରାଜବୈଦ୍ୟ ପଦବୀ ଦେଇଥିଲେ ।

'ବାଗୁନ୍ ବାବୁ ! ବାଗୁନ୍ ବାବୁ .....' ଡାକିଡାକି ଶକ୍ତି ରାଜବୈଦ୍ୟଙ୍କ ଘରେ ପହଞ୍ଚିଲା ।

'ଶକ୍ତି ! ଆରେ ଏତେ ବ୍ୟସ୍ତ କାହିଁକି ? ମାଡ଼ ବାଜିଛି କି ?' ବ୍ୟସ୍ତ ହେଇ ବାଗୁନ୍ ବାବୁ କହିଲେ ।

'ନା ! ନା ! ଜଲଦି ଆସନ୍ତୁ । ଦାଦାବାବୁ ଶୋଇଚନ୍ତି ଆଉ ତାଙ୍କ ଦେହ ଗରମ ହେଇଚି ।' ଶକ୍ତି କେମିତି କ'ଣ କହିବ ବୁଝି ନ ପାରି କହିଲା ।

'ଓଃ ! ବୁଢା ସିମ୍ପାଞ୍ଜିକୁ ଜ୍ୱର ।' ବାଗୁନ୍ ବାବୁ କହିଲେ ।

'ନା ! ନା ! ସେମିତି କୁହାଯାଏନି । ମା' ମନାକରିଛନ୍ତି । ସେ ଦାଦାବାବୁ ।' ଉପଦେଶ ଦେଲା ଶକ୍ତି ।

'ଠିକ୍ ଅଛି ଯୁବରାଜ ।' ହସି ହସି କହିଲେ ବାଗୁନ୍ ବାବୁ ଓ ଚେରମୂଳକୁ ଥଣ୍ଟରେ ଧରି ଚାଲିଲେ ଉଡ଼ିଉଡ଼ି ।

ଶକ୍ତି ତଥାପି ଚିନ୍ତିତ ଥାଏ ।

ଦାଦାବାବୁ କ'ଣ ଖରାରେ ବସିଥିଲେ ? ଗରମ କାହିଁକି ହେଲା ତାଙ୍କ ଦେହ ? ଏମିତି ବହୁତ ଚିନ୍ତା ତା' ଭିତରେ ଚାଲିଥାଏ ।

ଶକ୍ତିର ସାଙ୍ଗସାଥୀ ମିଶି ଖେଳରେ ମାତିଥିଲେ । ଖେଳଟା ଠିକ୍ ଭାବେ ହେଇପାରୁନଥାଏ । କିଏ ଶୋଇଲାଣି ତ' କିଏ ଗଛ ଡାଳ ଟାଣିଓଟାରି ଖାଇଲାଣି । ମାଙ୍କଡ଼ ସବୁ ଗଛ ଉପରେ ଶୋଇଲେଣି । ମିଙ୍କି ନିଦରେ ଗଛ ଡାଳରେ ଶୋଇକି



ଝୁଲୁଥାଏ ।

ଖସ୍‌ଖସ୍ ଶବ୍ଦରେ ଉଠିକି ଚାହିଁଲା । ନା'କାଇଁ କାଉଠି କିଛି ତ ନାହିଁ । ପୁଣି ଶୋଇଲା । ଆରେ, ଏ କ'ଣ ଯେ ?

ବାରମ୍ବାର ସେଇ ଶବ୍ଦ । ମିଙ୍କି ଉଠି ବସିଲା । ଦେଖିଲା, ତା' ସାଙ୍ଗମାନେ ଆଗରୁ ଉଠିଯାଇଛନ୍ତି ସେହି ଶବ୍ଦରେ । ସମସ୍ତଙ୍କ ନଜର ଗଛ ତଳକୁ । ମିଙ୍କି କ'ଣ କହିବାକୁ ଯାଉଛି, ଅନ୍ୟ ମାଙ୍କଡ଼ମାନେ ଇସାରାରେ ତାକୁ ଚୁପ୍ ରହିବାକୁ କହିଲେ ।

ମିଙ୍କି ବି ସେମାନଙ୍କ ଭଳି ଝୁଙ୍କିକି ଦେଖିବାକୁ ଚେଷ୍ଟା କଲା ।


ଯେ ତ' ସେହି ବିଶାଳ ସାପ ଥାନି । ବୋଧେ ତା' ର ବି ଦେହଖରାପ । ଏମିତି ଛଟପଟ ହେଉଛି କାହିଁକି ନହେଲେ ?

ଡରରେ ସମସ୍ତେ ଚୁପ୍ । କୌତୁହଳ ବି । କ'ଣ ହଉଚି ? ଥାନି ବିଷଧର ତେଣୁ ତା ସହିତ କେହି କଥା ହୁଅନ୍ତି ନାହିଁ । ତେଣୁ କେହି ତାକୁ ପଚାରିବା ପାଇଁ ବି ଡରିଲେ ।

ବାଗୁନ୍ ବାବୁ ଔଷଧ ଦେଇ ସବୁ ଠିକ୍ ହବା ଆଶ୍ୱାସନା ଦେଇ ଚାଲିଗଲେଣି । ଶକ୍ତି ତା ସାଙ୍ଗମାନଙ୍କୁ ଖୋଜିଲାଗିଲା ।

କେହି ଦେଖାଯାଉନାହାନ୍ତି । ସମସ୍ତଙ୍କୁ ବଡ଼ ପାଟିରେ ଡାକି ସେଇ ଗଛତଳେ ପହଞ୍ଚିଲା, ଯୋଉଠି ଥାନି ଛଟପଟ୍ ହେଉଥାଏ । ଶକ୍ତି କ୍ଷଣେ ରହିଗଲା । ସହଜେ ଶକ୍ତି ଥାନିକୁ ଡରେ । ପୁଣି ତାକୁ ଏଭଳି ଅବସ୍ଥାରେ ଦେଖି ଆହୁରି ଡରିଯାଇ ଦୂରେଇ ଠିଆହେଲା । ଶକ୍ତିକୁ ପାଖରେ ପାଇ ସାହସ ବାନ୍ଧିଲେ ମାଙ୍କଡ଼ମାନେ, ଗୋଟିଏ ଗୋଟିଏ ହୋଇ ଶକ୍ତି ପାଖରେ ଆସି ଠିଆ ହେଲେ ।





# ଜୀବନ ପୁଣି କ'ଣ ?

ଶକ୍ତି ଚାହିଁଥାଏ ଥାନିକୁ । ଆଶ୍ଚର୍ଯ୍ୟର ସହ ଚାହିଁଥାଏ । ଏତେବଡ଼ ସାପ କ'ଣ ଏମିତି ଭାବରେ ଗୁଡ଼େଇ ହଉଚି । ପୁଣି ଟାଣି ହଉଚି । ଶକ୍ତି ଥାନିର ଆଖିକୁ ଚାହିଁଲା । ହଠାତ୍ ଶକ୍ତି ଭାବିଲା, ତାକୁ କିଛି ଗୋଟିଏ କରିବା ଦରକାର । ସେ ଆଗକୁ ଥାନି

ଆଡ଼କୁ ଯିବାକୁ ଗୋଟିଏ ପାଦ ବଢାଇଚି କି ନାଇଁ, ମିଙ୍କି ଶକ୍ତିକୁ ତାଗିଦ୍ କଲା।

'ନା ! ଶକ୍ତି, ତା ପାଖକୁ ଯିବା ଠିକ୍ ହେବ ନାଇଁ।'

'ମିଙ୍କି, ସେ ବି କିଛି କଷ୍ଟରେ ଅଛନ୍ତି।' ଶକ୍ତି ଥାନିକୁ ଚାହିଁ କହିଲା।

'ଆମେ କିଛି କରିପାରିବା ନାହିଁ। ମୁଁ କହୁଚି ଶକ୍ତି ପଛକୁ ଆସିଯା'।' କହିଲା ମିଙ୍କି।

ଥାନି ସେମିତି ଭାଙ୍ଗିମୋଡ଼ି ହଉଥାଏ। ଟାଣି ହଉଥାଏ।

ଶକ୍ତି ପୁଣି ଦେଖିଲା ଥାନିର ଆଖିକୁ। ନା' ଆଖି ଆଗଭଳି ଭୟଙ୍କର ଲାଗୁନି।

'ଆଚ୍ଛା ! ଯାଙ୍କୁ ବି ବୋଧେ ସେଇୟା ହେଇଛି। ଜ୍ୱର।' କହିଲା ଶକ୍ତି।

'ତୁ କେମିତି ଜାଣିଲୁ।' ମିଙ୍କି କହିଲା।

'ହଁ ମୁଁ ଜାଣେ। ତା ଦେହ ବି ଗରମ ହେଇଥିବ।' କହି ଶକ୍ତି ଥାନିକୁ ଛୁଇଁବାକୁ ବାହାରିଲା। କିନ୍ତୁ ଥାନି ସେଠାରୁ ଚାଲିଯାଇଥାଏ। କିଛି ଅଦ୍ଭୁତ ଜିନିଷ ସେଠାରେ ପଡିଥିବା ସମସ୍ତେ ଦେଖିଲେ।

ଦାଦାବାବୁଙ୍କ ପାଖକୁ ସମସ୍ତେ ଯାଇ ଦେଖନ୍ତି ତ' ସେ ଏବେ ବି ଶୋଇଛନ୍ତି। ଶକ୍ତି ପାଖକୁ ଯାଇ ଡାକିଲା, ଦାଦାବାବୁ !

ସେ ହାତ ହଲେଇ ଶକ୍ତିକୁ ପାଖକୁ ଡାକିଲେ। ପାଖକୁ ଯାଇ ଶକ୍ତି ଜାଣିଲା ଯେ ଦାଦାବାବୁଙ୍କ ଦେହ ଆଉ ଗରମ ନାହିଁ।

'ତୁମେ ସବୁ ଘରକୁ ଯାଅ। ମୁଁ କାଲି ଠିକ୍ ହେଇଯାଇଥିବି।' ନରମ ଗଳାରେ କହିଲେ ଦାଦାବାବୁ।

ସନ୍ଧ୍ୟା ବି ହେଇସାରିଥାଏ। ସମସ୍ତେ ଘରକୁ ଫେରିଗଲେ।

ଶକ୍ତି ଘରେ ଯାଇ ମା'ଙ୍କୁ ସବୁକଥା କହିବାକୁ ଚାହିଁଲା। ମା' ଘରେ ନଥିଲେ। ଶକ୍ତି ସବୁଠି ଖୋଜିଲା। ମା'ଙ୍କୁ ପାଇଲା ନାହିଁ ଘରେ। ଚୁପ୍‌ଚାପ୍ ବସିବା ଛଡା ଅନ୍ୟ ଉପାୟ ନଥିଲା। ମା' ଘରକୁ ଆସିବା ମାତ୍ରେ ଶକ୍ତି ମା'ଙ୍କ ପାଖେ ଗେଲ ହେଇ ପଚାରିଲା, 'ମା' ତମେ କୁଆଡେ ଯାଇଥିଲ ?'

ମା କହିଲେ- 'ମୋ ଗେହ୍ଲା ପୁଅ ଘରକୁ ଆସି ନଥିଲା। ଦେଖିବାକୁ ଯାଉଥିଲି। ଆଚ୍ଛା ମୁଁ କ'ଣ ଶୁଣିଲି ତୁ' ଆଜି ବହୁତ ବଡ଼ କାମ ସବୁ କରିଚୁ।'



ହସି ହସି ଖୁସିରେ ଶକ୍ତି ମା'ଙ୍କ ଚାରିପଟେ ଡେଇଁଲା।

ପଚାରିଲା- 'ମା' କୋଉ ଭଲକାମ କହିଲ ଟିକେ।'

'ତୁ ଦାଦାବାବୁଙ୍କ ଦେହ ଖରାପ ଦେଖି ତାଙ୍କ ଚିକିତ୍ସା କଥା ଚିନ୍ତା କଲୁ।' ଟିକିଏ ରହି ମା' ପୁଣି କହିଲେ- 'ଥାନି ପାଇଁ ତୁ ବ୍ୟସ୍ତ ହେଲୁ।'

ଶକ୍ତି ଆଶ୍ଚର୍ଯ୍ୟ ହେଇ ପଚାରିଲା- 'ହଁ, ତମେ କେମିତି ଜାଣିଲ ?'


'ମା' ମାନେ ସବୁ ଜାଣନ୍ତି।' ମା' କହିଲେ ।


'ଏମିତି କାହିଁକି ହୁଏ ମା'।' ଦେହ କାହିଁକି ଖରାପ ହୁଏ ? ଦେହ ଖରାପ ହେଲେ କ'ଣ ବହୁତ କଷ୍ଟ ହୁଏ ?' ଶକ୍ତି ପଚାରିଲା।

'ଆରେ ବାପା ଜୀବନରେ ଏମିତି ସମୟ ବି ଆସେ। ଚାଲ ଖାଇକି ଶୋଇବୁ। ମୋ ଛୁଆ ବହୁତ ଭଲ। କେତେ ଦୟା ତା' ଭିତରେ।' ମା କୋଳେଇ ନେଲେ ଶକ୍ତିକୁ।

ସକାଳୁ ଶକ୍ତି ଖୁସି ହେଇଗଲା ଯେ ଦାଦାବାବୁଙ୍କ ଦେହ ଏବେ ଭଲ ଅଛି। ଦାଦାବାବୁ ପିଲାଙ୍କୁ ବୁଝାଇ କହିଲେ- 'କାଲି ଶକ୍ତି କେତେ ଭଲକାମ କଲା। ପିଲେ ଜୀବନରେ ଏମିତି ଅନ୍ୟ ପାଇଁ କାମ କଲେ ଆମ ଜଙ୍ଗଲରେ ସମସ୍ତେ ଖୁସିରେ ରହିବେ।'

ପିଲେ ଖୁସିରେ ପାଟିକଲେ ଓ ଖେଳିବାକୁ ଚାଲିଲେ । କିନ୍ତୁ ଶକ୍ତିର ମନରେ ଗୋଟିଏ ଚିନ୍ତା ଚାଲିଥାଏ । ଜୀବନଟା କ'ଣ । ଏହା କୋଉଠି ଥାଏ । କାଲି ମା' ବି କହୁଥିଲେ । ଆଜି ଦାଦାବାବୁ କହିଲେ । ତା' ମାନେ ଯେ ଗୋଟିଏ ବଡ଼ ଜିନିଷ । ଏ ଜୀବନ କୋଉଠି ରହେ ଆଉ ତା'ଘର କୋଉଠି ଜାଣିବାକୁ ହବ ।





# ଜୀବନର ଠିକଣା ଖୋଜା ଅଭିଯାନ

ବହୁତ ଚିନ୍ତିତ ଦେଖାଯାଉଥାଏ ଶକ୍ତି। ଶେରୁ ଓ ଶିବା ଦିହେଁ ଶକ୍ତିକୁ ପଚାରିକି ଥକିଗଲେଣି। ସେଇ ଗୋଟିଏ କଥା ଶକ୍ତିର ଯେ ଜୀବନ ମିଳିବ କୋଉଠି। କେମିତି ଖୋଜିବ ସେ।

'ଆମେ ମିଙ୍କି, ସୁମା, ଜୁକୁନ୍ ସମସ୍ତଙ୍କୁ ପଚାରିବା ଚାଲ' କହିଲା ଶିବୁ।


'କେହି ଜାଣନ୍ତି ନାହିଁ।' ଗମ୍ଭୀର ଉତ୍ତର ଦେଲା ଶକ୍ତି।

'ତୁ ଜାଣୁ କି ? ପଚାରିଲା ଶକ୍ତି।

'ହଁ, ଜୀବନ କଥା ମୁଁ ବି ଶୁଣିଛି। କୋଉଠି ଠିକ୍ କହିପାରୁନି। ବୋଧେ ଜଙ୍ଗଲର ସେପଟ ଅଞ୍ଚଳରେ ରହେ। ଚାଲ ଖୋଜିଦେବାନି ?' କହିଲା ଶେରୁ।

'ସେ କେମିତି ଦେଖାଯାଏ ଜାଣିଲେ ସିନା କିଏ ଖୋଜିବ। ନହେଲେ କେମିତି ଖୋଜିବା।' ଶିବା ବଡ଼ ନିଃଶ୍ୱାସଟେ ଛାଡି କହିଲା।

ତିନିହେଁ ଠିକ୍ କଲେ ଜୀବନକୁ ଖୋଜିବେ। ଯୋଉ ଜଙ୍ଗଲ ଯିବା ମନା, ସେଠିକି ଯିବେ। ସମସ୍ତଙ୍କୁ ଲୁଚିକି। ଅନ୍ୟ ସାଙ୍ଗମାନଙ୍କୁ ବି କହିବେନି। ଅନେକ ଯୋଜନା



ହେଲା ।

ତିନି ବାଘଛୁଆ ଆଖି ପିଛୁଳାକେ ନୂଆ ଜଙ୍ଗଲରେ ପହଞ୍ଚି ଗଲେ ।

ନଦୀ କୂଳିଆ ଜାଗା ଦେଇ ଯାଉଯାଉ ଦେଖିଲେ କୁମ୍ଭୀର ଟିଏ ପାଣିରୁ ବାହାରି ଖରା ଖାଉଛି ।

'ଶେରୁ, ଏଇଟା କ'ଣ ଗୋଟିଏ ପ୍ରାଣୀ ? ନା ବଡ଼ କାଠ ଖଣ୍ଡ ?' ପଚାରିଲା ଶକ୍ତି ।

'ଏମିତି କାଠ କାହିଁ ଆଗରୁ ତ' ଦେଖିନେ । ନା' କାଠ ନୁହଁ ।' ଶେରୁ କହିଲା ।

'ୟେ ହିଁ ଜୀବନ ନୁହଁ ତ' ଶିବା କହିଲା ।

'ଜାଣିବା କେମିତି ।' କହିଲା ଶକ୍ତି ।

ତିନି ସାଙ୍ଗ କଥା ହେଲେ ଯେ ସେମାନେ, ଜୀବନ .... ଜୀବନ ଡାକିବେ । ଏହି କାଠ ଭଳି ଦେଖାଯାଉଥିବା ଜିନିଷ ଯଦି ଜୀବନ ହେଇଥାଏ, ସେ ଉତ୍ତର ଦେବ ।

ତିନିଜଣ ଏକା ସହିତ 'ଜୀବନ' ବୋଲି ବାରମ୍ବାର ଚିତ୍କାର କଲେ ।

'ଯାହା ଭିତରେ ଅଛି ବାହାରେ ଖୋଜିଲେ କାହିଁକି ମିଳିବ ।'

କୁମ୍ଭୀରଟି ଏତିକି କହି ଶୋଇଗଲା ।

କୁମ୍ଭୀର ପାଟି ଖୋଲି, ଏତିକି କହିବା ଦେଖି, ତିନି ସାଙ୍ଗ ଡରିଯାଇଥିଲେ ।


ତା' ଏତେ ବଡ଼ ପାଟି ସେମାନଙ୍କୁ ଭୟଙ୍କର ମନେହେଲା । ଡରରେ କୁମ୍ଭୀର

କ'ଣ କହିଲା ସେଇଯାଏଁ ସେମାନଙ୍କ ଧ୍ୟାନ ଗଲାନାହିଁ ।

ତିନିହେଁ ଦୌଡ଼ିଦୌଡ଼ି ଜଙ୍ଗଲ ଭିତରକୁ ଚାଲିଗଲେ । ସେହି ଜଙ୍ଗଲରେ ଅନେକ ବଡ଼ ପଶୁ ରହନ୍ତି । ତେଣୁ ଏହି ପିଲାମାନଙ୍କୁ ସେଠିକି ଯିବା ପାଇଁ ବାରଣ କରାଯାଇଥାଏ । କିନ୍ତୁ ପିଲାମାନେ ତ' ଜୀବନ ଖୋଜିବାର ଦୁଃସାହସିକ ପଦକ୍ଷେପ ଉଠେଇ ସାରିଛନ୍ତି ।

ମିଙ୍କି, ସୁମା, ଲିମ୍ପି ଓ ବାକି ସାଙ୍ଗମାନେ ଶକ୍ତିକୁ ଖୋଜି ଖୋଜି ପାଇ ନାହାନ୍ତି । ସବୁଠି ଭାଳେଣି ପଡିଲାଣି । ଶକ୍ତି କେବେ ବି ଏତେ ଡେରି ତ' କରେନି । ତେବେ କ'ଣ କରାଯିବ ?





# ଆରେ ବାପ୍‌ରେ ବାପ୍ !

ଜଙ୍ଗଲରେ ଯୋଉଠି ରହନ୍ତି ସବୁ ବଡ଼ ଏବଂ ଭୟଙ୍କର ସହିତ ପ୍ରବଳ ଶକ୍ତିଶାଳୀ ପଶୁ, ସେଠି ଏହି ତିନୋଟି ବାଘଛୁଆ ଏକୁଟିଆ । ଅଗନା ଅଗନି ବନସ୍ତ । ଦିନବେଳେ ବି ସୂର୍ଯ୍ୟାଲୋକ ପହଞ୍ଚି ପାରୁନି । ଅଜଣା ରାସ୍ତା । ଯାହାକୁ ଖୋଜୁଛନ୍ତି, ତାକୁ ବି ଦେଖିନାହାନ୍ତି । ପଛକୁ ଫେରିବା ବାଟ ବି ଜାଣିନାହାନ୍ତି । ଡରିଡରି ଓ ଲୁଚିଲୁଚି ତିନିହେଁ ଆଗଉଛନ୍ତି । କିଛି ଶବ୍ଦ ଶୁଣିଲେ ଲୁଚିଯାଇ ଦେଖୁଛନ୍ତି । ବିପଦ ନାହିଁ ଜାଣିଲେ ପାଦେପାଦେ ଆଗକୁ ମାଡୁଛନ୍ତି ।

'ଶକ୍ତି ! ଚାଲ ଘରକୁ ଯିବା । ଡର ଲାଗୁଛି ।' ଶେରୁ କହିଲା ।

'ଘରକୁ ଯିବା କେମିତି ?' କାନ୍ଦକାନ୍ଦ ସ୍ୱରରେ କହିଲା ଶିବା ।

'ଡରନି । ଯାହା ହବ ଦେଖିବା । ଅଳ୍ପ ସମୟ ଖୋଜିବା । ତା ପରେ ଫେରିଯିବା । ହେଲେ କାହାକୁ ତ' ପଚାରିବା ଦରକାର ।' ଶକ୍ତି କହିଲା ।

'କିଏ ତମେ ସବୁ ?'ଟେ ଗାଟିଏ ବଡ଼, ମସ୍ତବଡ଼, ବିରାଟ ଭାଲୁ ପଚାରିଲା ।
ଛୁଆମାନଙ୍କ ଆଖି ବି ପାଉ ନଥାଏ ତାକୁ ପୁରା, ଗୋଟାପଣେ ଦେଖିବାକୁ ।
'ବାପ୍‌ରେ ବାପ୍.......... !'
ତିନିହେଁ ଦୌଡ଼ି ଦୌଡ଼ି କୋଉଠି ଗାଟେ ପହଞ୍ଚିଗଲେ ।
ଛାତି ଧଡ଼୍‌ଧଡ଼୍ ।
ନିଶ୍ୱାସ ଜୋର୍ ।
'ଓଃ ! ଆଜି ତ ସେ ଆମକୁ ଖାଇଦେଇଥାନ୍ତା ।' ଶକ୍ତି କହିଲା ।
କିଛି ଉତ୍ତର ନ ପାଇ ପଛକୁ ଦେଖେ ତ, କେହି ନାହିଁ ।
ନା ଶେରୁ ।
ନା ଶିବା ।
କୁଆଡ଼େ ଗଲେ ? ଶକ୍ତି ହତାଶ ଅନୁଭବ କଲା ।

ଏବେ କ'ଣ କରିବ ବୋଲି ଶକ୍ତି ଭାବିଲା । ଚୁପ୍ ହେଇ ଗୋଟିଏ ଗଛକୁ ଆଉଜି ବସି ଭାବିଲା ତାକୁ କ'ଣ କରିବା ଦରକାର । ଜୀବନ ସେ ଯାହା ହେଇଥାଉ, ଯୋଉଠି ବି ଥାଉ । ବର୍ତ୍ତମାନ ଶେରୁ ଏବଂ ଶିବାଙ୍କୁ ଖୋଜିବା ପ୍ରଥମ କାମ । ରାଗ, ହତାଶ ଓ





ଡର ତ' ଲାଗୁଥିଲା । ଏବେ ତାକୁ ଭୋକ ବି ହେଲାଣି ।

'ଶେରୁ.......ଶିବା.......' ଡାକି ଡାକି ଚାରିଆଡ଼େ ଖୋଜିଲା ଶକ୍ତି ।

ଶୁଆଟିଏ ଉପରେ ଉଡ଼ିଯାଉଥିଲା । ପାଖ ଗଛରେ ଆସି ବସିଲା ।

'କେର୍.....କେରରରରରର୍...କ'ଣ ହେଲା ?'

'ମୋ ସାଙ୍ଗମାନେ ହଜିଗଲେ ।' କହିଲା ଶକ୍ତି ।

'ତମକୁ ତ' ଆଗରୁ ଦେଖିନି । ନୂଆ କି ?' ଶୁଆ ପଚାରିଲା ।

'ଆମେ ଜୀବନକୁ ଖୋଜିବାକୁ ଆସିଥିଲୁ ।' କହିଲା ଶକ୍ତି ।

'ହଉ, ତମେ ସାଙ୍ଗମାନଙ୍କୁ ଖୋଜ, ମୁଁ ଆସେ ।' ଉଡ଼ିଗଲା ଶୁଆ ।

'ହଉ, ପୁଣି ଦେଖାହେବ ।' କହିଲା ଶକ୍ତି ।

ପାଖରେ ଦେଖେ ତ' ବଡ଼ ଜିରାଫ୍ ଟିଏ ବେକ ତଳକୁ କରି ଶକ୍ତିକୁ ଦେଖୁଛି ।

'ଆଆ... ମୁଁ, ମାନେ ଆମେ ରାସ୍ତା ଭୁଲିଯାଇଛୁ ।' କହିଲା ଶକ୍ତି ।

'ଆମେ ?' ଜିରାଫ୍ ମୁଣ୍ଡ ହଲେଇ ପଚାରିଲା ।

‘ମୁଁ ଆଉ ମୋ ଦୁଇ ସାଙ୍ଗ ଆସିଥିଲୁ । ଏବେ ମୁଁ ସେମାନଙ୍କୁ ବି ପାଉନି ।’ ଦୁଃଖରେ କହିଲା ଶକ୍ତି ।

ପେଁ.....ପେଁ...ଶବ୍ଦରେ ଜଙ୍ଗଲ ଉଠିଲା ପଡ଼ିଲା ।

ଶକ୍ତି ଡରିଯାଇ ଜିରାଫ୍ ପଛକୁ ଘୁଞ୍ଚି ଠିଆ ହେଲା ।

‘ଲୁଚିକି ରହ । ହାତୀ ବହୁତ ରାଗିଚି ।’ ଜିରାଫ୍ କହିଲା ।

‘ହାତୀ ????’ ଶକ୍ତି କହିଲା ।

ସେହି ଶବ୍ଦ କ୍ରମେ ପାଖରେ ଶୁଣାଗଲା । ଶକ୍ତି ଦେଖିଲା ବହୁତ ବଡ଼ ଗୋଟିଏ ପର୍ବତ ପରି ଦେଖାଯାଉଥିବା କ’ଣ ଗୋଟିଏ ମୋଟା ମୋଟା ଗୋଡ଼ରେ ଚାଲିକି ଆସୁଛି ।

ପୁଣି ଡରରେ ଶକ୍ତି କହିଲା- ‘ବାପ୍‌ରେ ବାପ୍ ।’





# ମୁଁ କେବେ ବଡ଼ ହେବି ?

କେତେ ନୂଆ ପ୍ରାଣୀଙ୍କୁ ଦେଖିଲା ଶକ୍ତି । ସଭିଙ୍କ ଭିତରେ କିନ୍ତୁ ହାତୀ ବୋଧେ ସବୁଠୁ ବଡ଼ ବୋଲି ଭାବିଲା ।

‘ତା ମୁହଁରେ ବି ଗୋଡ ଅଛି ।’

‘ସେଇଟା ଶୁଣ୍ଢ’ ହସି ହସି କହିଲା ଜିରାଫ୍ ।

‘କାଇଁ ମୋର ତ’ ନାହିଁ, ତମର ବି ନାହିଁ । ଶକ୍ତି ପୁଣି ବୋକା ଭଳି କହିଲା ।

'ଆରେ ଛୁଆ ବାଘ ! ତୁ କ'ଣ ହାତୀ ଦେଖିନୁ ? କୋଉଠୁ ଆସିଛୁ କି ?' ଜିରାଫ୍ କହିଲା ।

'ମୁଁ ଶକ୍ତି । ମହାରାଜ ସୌରଭଙ୍କ ପୁଅ । ମୁଁ ଜଙ୍ଗଲର ଆଉ ଗୋଟିଏ କୋଣରେ ରୁହେ ।' ଶକ୍ତି କହିଲା ।

'ସ୍ୱାଗତ ଯୁବରାଜ । ଏଠାରେ କେମିତି ? ବୁଲିବାକୁ ଆସିଲେ କି ?' ବିନୟର ସହ କହିଲା ଜିରାଫ୍ ।

'ମୁଁ ଆସିଥିଲି ଜୀବନକୁ ଖୋଜିବାକୁ । ମୋ ଦି'ସାଙ୍ଗ ବି ଆସିଥିଲେ । ହେଲେ ସେମାନେ ହଜିଗଲେ । ମୁଁ ଜାଣେନି କେମିତି ଖୋଜିବି ।'


ଦୁଃଖରେ ମୁଣ୍ଡ ତଳକୁ କରି କହିଲା ଶକ୍ତି ।

'ଖୋଜିଦେବା । କିଛି ଖାଇବ ଶକ୍ତି ?' ଜିରାଫ୍ ଅତି ସ୍ନେହରେ କହିଲା ।

'ନା ! ମୋ ସାଙ୍ଗମାନଙ୍କୁ ଖୋଜିବି । ଆମେ ମିଶିକି ଖାଇବୁ । କୋଉଠି ଥିବେ କେଜାଣି ।' ଶକ୍ତି କହିଲା ।

'ଆଆ... ଆଇଆଆଆ' ଉପରକୁ ଚାହିଁ କହିଲା ଜିରାଫ୍ ।

ବଡ଼ ଚିଲ ଗୋଟିଏ ଆସି ଜିରାଫ୍ ସହିତ କଥା ହେଲା ଓ ସମସ୍ତ ପକ୍ଷୀଙ୍କୁ



ଶେରୁ ଓ ଶିବାଙ୍କ ବିଷୟରେ ଜଣାଇବା ପାଇଁ ପୁଣି ଉପରକୁ ଉଡ଼ିଗଲା ।

'ଚିନ୍ତା କରନି ଯୁବରାଜ । ସେମାନେ ଜଲଦି ମିଳିଯିବେ ।' ଜିରାଫ୍ ତା ବଡ଼ ଜିଭରେ ଶକ୍ତିକୁ ଚାଟିଚାଟି କହିଲା ।

ଶକ୍ତିର ଆଖି ବନ୍ଦ ହେଇ ଆସୁଥାଏ । ସେ ମାଟି ଉପରେ କିଛି ସମୟ ପାଇଁ ଶୋଇଗଲା ।

ଭାଲୁ ଆସି ପହଞ୍ଚିଲା ଜିରାଫ୍ ଓ ଶକ୍ତିର କଥାବାର୍ତ୍ତା ଶୁଣି ।

'ୟେ, ଆମ ଯୁବରାଜ ତ' । ଏହି ଅଞ୍ଚଳକୁ ସେ ଆସିବାର ନ ଥିଲା । ଗଧିଆ କାଲୁ ଯଦି ଦେଖେ, ଜୀବନ ପ୍ରତି ବିପଦ ।' ଭାଲୁ ଚିନ୍ତିତ ଥିବା ଭଳି କହିଲା ।

'ଜାଣେ ! ଆମେ କ'ଣ ଆମ ଯୁବରାଜଙ୍କୁ ସୁରକ୍ଷିତ ସେପଟ ଜଙ୍ଗଲରେ ପହଞ୍ଚାଇ ପାରିବାନି ? ସେ ଛୋଟ ଥିବାରୁ ଆମକୁ ଭାବିବାକୁ ପଡୁଚି । ବଡ଼ ହେଇ ପୁଣି ସେ ନିଜ ସହିତ ପୂରା ଜଙ୍ଗଲର ସୁରକ୍ଷା ଦାୟିତ୍ୱ ନେବେ ।' ଜିରାଫ୍ ବିରକ୍ତ ହେଲା ।





'ହଃ ! ହଉ । ତୁ ଯଦି ସେଇୟା ଭାବୁଚୁ । ସେ ଏବେ କେତେ ଛାଟ ଦେଖୁଚୁ ? ବାପା ନ ଥିବା ଛୁଆ । ସେ କ'ଣ ଶିଖିବ ? ଏଇ ଯୋଉ ଗଧିଆ ଗୋଷ୍ଠୀ ରାଜା ସୌରଭଙ୍କୁ ଛାଡିନାହାନ୍ତି । ଏଇ ବକଟେ ପିଲାକୁ କ'ଣ ରଖିବେ ?' ଭାଲୁ ଅତି ବ୍ୟସ୍ତ ଓ ଦୁଃଖର ସହ କହିଲା ।

ଶକ୍ତିର ନିଦ ଭାଙ୍ଗିଯାଇଥିଲା । ଭାଲୁକୁ ଡରି ସେ ଉଠି ନଥାଏ । ଏ ସବୁ କଥା ପୂରା ବୁଝି ନ ପାରିଲେ ବି, କିଛି କିଛି ବୁଝିପାରୁଥିଲା ।

'ହିଇଇଇଚ୍....ହିଇଇଇଇଚ୍'

ଚିଲର ଶବ୍ଦରେ ଶକ୍ତି ଉଠି ବସିଗଲା ।

ଚିଲଠାରୁ ଶେରୁ ଓ ଶିବାଙ୍କ ଖବର ମିଳିଲା ।

ତିନିହେଁ ସେହି ଉଦ୍ଦେଶ୍ୟରେ ଚାଲିଲେ ।

'ଶକ୍ତି, ତୁମେ କିଛି ଖାଇବା ଦରକାର । ବହୁତ ସମୟ ଭୋକରେ ଅଛ ।'

ଭାଲୁ କହିଲା ।

'ରାଜା ସମସ୍ତଙ୍କ ପାଇଁ ଭାବନ୍ତି । ମୁଁ କ'ଣ ମୋ ସାଙ୍ଗମାନଙ୍କ ବିନା ଖାଇବା ଠିକ୍ ହେବ ?' ଶକ୍ତି ଦୃଢ଼ ଭାବରେ କହିଲା ।

'ହଁ, ତା' ବି ଠିକ୍ କଥା ।' ଭାଲୁ କହିଲା ।

'ହେ, ତମେମାନେ ଠିକ୍ ଅଛ ?' ଶକ୍ତି ଖୁସିରେ ସାଙ୍ଗମାନଙ୍କୁ ଦେଖି କହିଲା ।

'ଶକ୍ତିଇଇଇଇଇ ଆଆଆଆଆ ଯେଏଏଏଏଏଏଏଏ' ଶେରୁ ଓ ଶିବା ଖୁସିରେ ଗଡ଼ିଗଲେ ଶକ୍ତିକୁ ଦେଖି ।

'ଜାଣିଚୁ ଆମେ ଡରିଯାଇଥିଲୁ ।' ଶିବା କହିଲା ।

'ବହୁତ ଭୋକ ।' ଶେରୁ କହିଲା ।

'ଚାଲ ସମସ୍ତେ ଖାଇବ ଓ ଘରକୁ ଯିବ ।' ଜିରାଫ୍ କହିଲା ।

ଗୋଟିଏ ବଡ଼ ପଥର ଉପରେ ସମସ୍ତେ ବସିଲେ । ଚିଲ ଓ ବଡ଼ ବଡ଼ ଶିଙ୍ଗଥିବା ଗୋଟିଏ ବଣମଇଁଷି ଖାଇବା ସବୁ ପ୍ରସ୍ତୁତ ରଖିଥିଲେ ।

'ଯୁବରାଜ ! ଶକ୍ତି !' ସ୍ନେହରେ ଭାଲୁ କହିଲା ।


ଶକ୍ତି ଖାଇଖାଇ ମୁଣ୍ଡ ହଲେଇଲା ।

'ତୁମକୁ ବଡ଼ ହେବାଯାଏଁ ଅପେକ୍ଷା କରିବାକୁ ହେବ ।' ଭାଲୁ ପୁଣି କହିଲା ।

'ତୁ ସେମାନଙ୍କୁ ଖାଇବାକୁ ତ' ଦେ ।' ଜିରାଫ୍ ଭାଲୁ ଉପରେ ବିରକ୍ତ ହେଲା ।

'ମୁଁଉଁଉଁ.....ବଡଅଅଅଅ....କେଏଏଏଏବେଏଏଏଏଏ... ହେବିଇଇଇଇଇଇ ?'

ଶକ୍ତି ଖାଇବା ଛାଡ଼ି ବହୁତ ବଡ଼ ପାଟିରେ ରଡ଼ି ଛାଡ଼ି କହିଲା ।





# ବଡ଼ମାନେ ଠିକ୍ କହନ୍ତି ବେଳେବେଳେ

ଶକ୍ତିର ଚିଲ୍ଲେଇବା ସମସ୍ତଙ୍କୁ ମଜା ଲାଗିଲା ।

'ଥୟ ଧର ଯୁବରାଜ ! ବଡ଼ ହେବାପରେ ଆଉ ଛୋଟ ହେଇପାରିବ ନାହିଁ । ବଡ଼ ହେବା ଯାଏଁ ଛୋଟ ଥିବା ସମୟକୁ ଉପଭୋଗ କର ।' ଭାଲୁ କହିଲା ।

'ନା' ନା' ମୁଁ କେବେ ବି ଛୋଟ ହେବିନି। ମୁଁ ବହୁଉଉଉତ ବଡ଼ ହେବି । ସେ ହାତୀଇଇଇଇଇ.....'

ଗୋଟିଏ ଖସ୍ ଖସ୍ ଶବ୍ଦ ହେଲା। ଯେହେତୁ ଏତେ ଉପରକୁ ଆଗ ଦୁଇଗୋଡ଼ ଉଠେଇଲା ଶକ୍ତି ଯେ ଚଟାଣ ତଳକୁ ଶୁଖିଲା ପତ୍ର ଉପରେ ପଡ଼ିଗଲା।

'ଆଃ ! ଆଃ ! ଏଇ ଜଙ୍ଗଲଟା ଭଲ ନାଇଁ। ଏଠି ମୁଁ ପଡ଼ିଯାଉଚି।' ଉପରକୁ ଉଠୁଉଠୁ କହିଲା ଶକ୍ତି।

'କିନ୍ତୁ ତୁମ ବାପା ଏଇ ଜଙ୍ଗଲକୁ ବହୁତ ଭଲପାଉଥିଲେ ଯୁବରାଜ।' ବଣମଇଁଷି କହିଲା।

'ଆଉ ଆମେ ସବୁ ବି ମହାରାଜ ସୌରଭଙ୍କୁ ବହୁତ ଭଲପାଉ।' ଜିରାଫ୍ କହିଲା।

'ତାଙ୍କ ଭଳି ରାଜା କ'ଣ ଆଉ ମିଳିବେ ?' ଚିଲ କହିଲା।

'ଆଚ୍ଛା ଶକ୍ତି ! ରାଣୀ ମା' କେମିତି ଅଛନ୍ତି ?' ଭାଲୁ ପଚାରିଲା।

ଶକ୍ତିର ଆଖି ଛଳଛଳ ହେଇ ଆସିଲା। ଆଗ ଗୋଡ଼ରେ ଆଖି ପୋଛିବାକୁ ଲାଗିଲା। ମା' ମନେପଡ଼ିଲେ ତାକୁ। ଭାଲୁ ଆଦରରେ କୋଳକୁ ଟାଣି ଆଣିଲା ଶକ୍ତିକୁ।



'ଜାଣ ଯୁବରାଜ ! ମୋ ବାପା ରାଜାଙ୍କ ବୈଦ୍ୟ ଥିଲେ । ରାଜାଙ୍କ ମୃତ୍ୟୁରେ ସେ ଭାଙ୍ଗପଡ଼ିଲେ ଓ ଆମକୁ ଛାଡ଼ି ଚାଲିଗଲେ ।'

'କୋଉଠିକି ? ଆଉ ଗୋଟିଏ ଜଙ୍ଗଲକୁ ?'

ଏହା ଶକ୍ତି ଭାଲୁ କୋଳରେ ଶୋଇ ଭାଲୁର ଆଖିକି ଚାହିଁ କହିବାବେଳେ ତା' ଆଖିରୁ ଧାରଧାର ଲୁହ ଗଡୁଥାଏ ।

'ନା ! ସେଇଠିକି । ତୁମ ବାପା, ଆମ ରାଜାଙ୍କ ପାଖକୁ ।' ଭାଲୁର ସ୍ୱର ନରମ ଜଣାଗଲା ।

ଶକ୍ତି ବହୁତ କାନ୍ଦିଲା । ଶେରୁ ଓ ଶିବା ତା ପାଖକୁ ଆସି ଦୁଃଖରେ ତା' ମୁହଁକୁ ଚାହିଁଲେ । ସେମାନେ ବି କାନ୍ଦିଲେଣି ।

'ଶକ୍ତି, ଚାଲ ଘରକୁ ଯିବା । ଏମାନେ ଭଲ ନୁହଁନ୍ତି । ତତେ କନ୍ଦେଇ ଦେଲେଣି ।' ଦିହେଁ କହିଲେ ।

'ବୁଢ଼ା ଭାଲୁ, ସବୁଠି କାନ୍ଦି ଆଉ କନ୍ଦେଇବ । ଛୁଆମାନଙ୍କ ସାଥିରେ କ'ଣ କଥା ହବା ଦରକାର ମାଲୁମ୍ ନାଇଁ ।' ଜିରାଫ୍ କହିଲା ।

ଗୁମ୍ ମାରି ବସିଲା ଭାଲୁ । ଶକ୍ତିକୁ ଜାବୁଡ଼ି ଧରିଥାଏ । ସମସ୍ତେ ଆଖି ପୋଛୁଥିଲେ ।

ଭାଲୁ କୋଳରୁ ଉଠି ବସିଲା ଶକ୍ତି ।

ସମସ୍ତଙ୍କୁ ଦେଖି ହସିବାକୁ ଚେଷ୍ଟାକଲା ।

'ମୁଁ କେତେ ଖୁସି ଯେ, ମୋ ବାପା ଜଣେ ଭଲ ରାଜା ଥିଲେ । ଆପଣମାନଙ୍କ ଭଲପାଇବା ଦେଖି ମୁଁ ଆହୁରି ଜଲଦି ବଡ଼ ହେବାକୁ ଚାହୁଁଚି । ମୁଁ ବାପାଙ୍କ ଭଳି ରାଜା ହୋଇପାରିବି, ସେଥିରେ ସମସ୍ତେ ମତେ ସାହାଯ୍ୟ କରନ୍ତୁ ।' ଶକ୍ତି ଖୁବ୍ ଦମ୍ଭର ସହ କହିଲା ।

'ତୁମେ ଆମ ରାଜା । ବହୁତ ଭଲ ରାଜା । ଆମେ ସମସ୍ତେ ତୁମକୁ ବହୁତ ଭଲପାଉ ।' ସମସ୍ତଙ୍କ କଣ୍ଠସ୍ୱର ଜୋର୍ ଶୁଣାଗଲା ।

ଖୁସିରେ ଡେଇଁଲେ ସମସ୍ତେ ।

ଭାଲୁ ସବୁ ଦେଖି ଖୁସିରେ ଗଡ଼ିବାରେ ଲାଗିଲା ।

ସାମାନ୍ୟ ହେବା ପାଇଁ ବେଶ୍ କିଛି ସମୟ ଲାଗିଲା ।

'ଶକ୍ତି, ତୁମେ ଏଇ ଜଙ୍ଗଲକୁ କାହିଁକି ଆସିଥିଲ ?' ଭାଲୁ ପଚାରିଲା ।

'ହଁ, ଆମେ ସବୁ ଜୀବନ ବୋଲି ପ୍ରାଣୀକୁ ଖୋଜିବାକୁ ଆସିଥିଲୁ ।' ଶିବା କହିଲା ।

'ସେ କ'ଣ ଏଇ ଜଙ୍ଗଲର ?' ଚିଲ ପଚାରିଲା ।

'ସେ ଜଣେ ଭଲ କି ବଡ଼ କେହି ନିଶ୍ଚିତ' କହିଲା ଶକ୍ତି ।

'ଆଚ୍ଛା ! ସେ କେମିତି ଦେଖାଯାଏ ?' ପୁଣି ଚିଲ କହିଲା ।

'ସେ ସବୁ ଆମେ ଜାଣିନୁ । ରାଣୀ ମା' ଓ ଦାଦାବାବୁ କହିଲେ ମାନେ, ନିଶ୍ଚେ ବଡ଼ କେହି ।' କହିଲା ଶେରୁ ।

ଶକ୍ତିଠାରୁ ପୂରା କାହାଣୀ ଶୁଣି, ସମସ୍ତେ ହସିଲେ ।

'ବୁଢ଼ା ସିମ୍ପାଞ୍ଜି, ପିଲାଙ୍କ ଶିକ୍ଷକ ହେଇଚି, ଜାଣିନି ପିଲାଙ୍କୁ କ'ଣ ଓ କେମିତି କୁହାଯିବା କଥା ।' ଭାଲୁ କହିଲା ।

'ଶକ୍ତି ! ଜୀବନ ଆମ ଭିତରେ ଥାଏ । ଆମେ ଯେତେଦିନ ବଞ୍ଚିବା ତା'କୁ ଜୀବନ କହନ୍ତି । ଜୀବନ ବାହାରେ ନଥାଏ ରାଜା, ଜୀବନ ଆମ ଭିତରେ ଥାଏ । ଜିରାଫ୍ ସ୍ନେହରେ କହିଲା ।

ଜିରାଫ୍ କଥାରେ ଶକ୍ତିକୁ ମା' ମନେପଡିଲେ । ମା' ଠିକ୍ ଏମିତି ବୁଝାନ୍ତି ।

'ମୁଁ କାହିଁକି ବୁଝିପାରିଲିନି ?' କହିଲା ଶକ୍ତି ।

କିଛି ସମୟ ଚୁପ୍ ରହି ସମସ୍ତେ ହସିଲେ ।

'ମତେ ଏଠିକି ଆସିବାକୁ ମା' ମନା କରିଥିଲେ । ମୁଁ ଭୁଲ୍ କଲି ମା'ଙ୍କୁ ନ କହି ଆସିଚି ।

'ବଡ଼ମାନଙ୍କ କଥା ମାନିବ ଶକ୍ତି ।' ଭାଲୁ ବୁଝାଇଲା ।

'ହଁ. ବଡ଼ମାନେ ବେଳେବେଳେ ଠିକ୍ କହନ୍ତି ।' କହିଲା ଶିବା ।

'ବେଳେବେଳେ ?' ଭାଲୁ ଓ ଜିରାଫ୍ ଏକା ସାଥିରେ କହି ଉଠିଲେ ।

ରାତି ଘନେଇ ଆସିଲା ।



# ଯୋଜନାର ସମୟ

ଭାଲୁର ଗୁମ୍ଫା ଭିତରେ ତିନି ବାଘଛୁଆ ରାତିରେ ରହିଲେ। ଗୁମ୍ଫା ବାହାରେ ହାତୀ ଓ ଜିରାଫ୍ ରାତିସାରା ପହରା ଦେଲେ। ଥକା ଦେହ ପୁଣି ଭଲ ଖାଦ୍ୟ ଓ ବହୁତ ସ୍ନେହ ପାଇ ଛୁଆ ତିନୋଟି ନିଘୋଡ଼ ନିଦରେ ଶୋଇଗଲେ। ପାଖରେ ଭାଲୁ ଥିବା ଯୋଗୁଁ ଆଉ ଡର ବି ନାହିଁ। ଶୋଇଶୋଇ ଶକ୍ତି ସ୍ୱପ୍ନ ଦେଖୁଥାଏ। ସେ ବାପା, ମା'ଙ୍କ ପାଖେ ଗେଲ ହଉଚି। ଶିବା ଓ ଶେରୁ ମଧ୍ୟ ନିଜ ବାପା, ମା'ଙ୍କ ସ୍ୱପ୍ନ ଦେଖୁଥାଆନ୍ତି। ଭାଲୁ ସେମାନଙ୍କ ମୁହଁକୁ ଚାହିଁ ବସିଥାଏ। ନିଦୁଆ ନିଷ୍ପାପ ଶିଶୁମାନଙ୍କ ମୁହଁରେ ଯିବା ଆସିବା ଭାବକୁ ସେ ଦେଖୁଥାଏ ଓ ଖୁସି ହେଉଥାଏ।

‘ଭାଲୁ, ଶୋଇଯା । ସକାଳୁ ବହୁତ କାମ । ଆମେ ଅଛୁ ପହରା ଦେବା ପାଇଁ ।’ ଜିରାଫ୍ କହିଲା ।

‘କେତେ ସୁନ୍ଦର ଆଉ ନିରୀହ ମୁହଁ ଏଇ ପିଲାମାନଙ୍କର !’ ଭାଲୁ କହିଲା ।

‘ନଜର ପକାନି ।’ ହାତୀ କହିଲା ।


‘ହଁ ! ଏମିତି ବକର ବକର ହେଇ ଶୋଇଦିଅନି କାହାକୁ ।’ କହିଲା ଭାଲୁ ।

ମୁହଁ ଅନ୍ଧାରରୁ ଭାଲୁ ସମସ୍ତଙ୍କୁ ଉଠେଇଦେଲା ।

‘ଚାଲ ପିଲାମାନଙ୍କୁ ରାଣୀଙ୍କ ପାଖରେ ଛାଡ଼ି ଆସିବା ।’ ଭାଲୁ ଆଗ୍ରହ ସହିତ କହିଲା ।

‘ସତ ! ଆମେ ଘରକୁ ଯିବା ?’ ନିଦୁଆ ଆଖି ମଳୁମଳୁ କହିଲେ ତିନି ବାଘଛୁଆ ଏକାବେଳେ ।

‘ହଁ, ରାଜା । ଆମ କର୍ତ୍ତବ୍ୟ ଆମେ ତୁମକୁ ସୁରକ୍ଷିତ ରାଣୀଙ୍କ ପାଖେ ପହଞ୍ଚଇବୁ ।’





କହିଲା ଜିରାଫ୍ ।

'ଭୋକ ଲାଗୁଚି ? କଦଳୀ କାନ୍ଧି ଗୋଟିଏ ରଖିଚି, ଆଣିବି ?' ହାତୀ ସ୍ନେହରେ କହିବାକୁ ଚେଷ୍ଟାକଲେ ବି' ରଡ଼ି ଛାଡି କହିଲା ।

ତା ପାଟି ଶୁଣି ପିଲେ ଡରରେ ଭାଲୁ କୋଳକୁ ଡେଇଁ ପଡ଼ିଲେ ।

'ହଁ, ବାଘଛୁଆମାନେ କଦଳୀ ଖାଇବେନି ତ' ଆଉ ଖାଇବେ କ'ଣ ? ଏଡେ ବଡ଼ ତ ଦେହ, ମୁଣ୍ଡ ସବୁ କିନ୍ତୁ ଅକଲ ବୋଲି ବିନ୍ଦୁଏ ନାହିଁ ।' କହିଲା ଜିରାଫ୍ ।

'ହଉ, ହେଲା । ଆମେ ସେପଟୁ ଫେରିଲେ ମତେ ଦେଇଦବୁ କଦଳୀ ।' ଭାଲୁ ଲୋଭରେ କହିଲା ।

'ନାଁ, ତତେ କାଇଁକି ଦେବି ? ମୁଁ ଖାଇବି ।' କହିଲା ହାତୀ ।

'ଆମେ କେତେବେଳେ ଯିବା ?' ଶକ୍ତି କହିଲା ।

ସମସ୍ତେ ଯିବା ନକ୍ସା ଓ ଯୋଜନା କଥା ହେବାରେ ଲାଗିଲେ ।

'ମୋ ହାତୀପଲ ଏଇଠି ମୋ ଆଦେଶ ପାଇଁ ଅପେକ୍ଷାରେ ଅଛନ୍ତି । ଆମ ମଝିରେ ଏମିତି ନେବା ଏଇ ତିନିଜଣଙ୍କୁ କେହି ଯେମିତି ଜାଣି ନ ପାରନ୍ତି ।' ହାତୀ କହିଲା ।

‘ହଁ, ଭଲ। ହେଲେ ପାଦ ଦେଖିକି ଆଗକୁ ପକେଇବ। ତୁମ ପାଦ ପାଖେ ହିଁ ଛୁଆମାନେ ଥିବେ। ତେଣୁ ସାବଧାନ।’ କହିଲା ଭାଲୁ।

‘ହେନ୍ତାଳ ବଣ ଯୋଉ ଖଣ୍ଡିକ ପଡ଼ିବ ମୋ ଡର ସେଇଠି।’ କହିଲା ଜିରାଫ୍।

‘ହିଡରେ ବୁଦା ଭିତରେ ଲୁଚି ବସିଥିବେ ଗଧିଆମାନେ।’ କହିଲା ଭାଲୁ।

‘ହଁ କିନ୍ତୁ ସେ ରାସ୍ତା କାଦୁଅ। ଆମେ କେମିତି ଯିବୁ ? ଗୋଡ଼ ଯଦି ପଶିଯାଏ ?’ କହିଲା ହାତୀ।


‘ନା, ଚିଲର ସାହାଯ୍ୟ ଦରକାର।’ କହିଲା ଜିରାଫ୍।

‘ହଁ, କ’ଣ ଏବେ ବାହାରିବା ?’ କହିଲା ଶକ୍ତି।

‘ଥୟ ଧର ଶକ୍ତି। କେତେ କ’ଣ ସବୁ ଯୋଗାଡ଼ ଯନ୍ତ୍ର ଚାଲିଚି ।’ କହିଲା ଭାଲୁ।

ଚିଲ ଆସି ପହଞ୍ଚି ଜଣେଇ ଦେଲା ଯେ, ଗଧିଆମାନେ ଖବର ପାଇଗଲେଣି।

ସମସ୍ତେ ମୁଣ୍ଡରେ ହାତଦେଇ ବସିଲେ।





# ଚାଲ ମାଡ଼ି ଚାଲ

'ବ୍ୟସ୍ତ ହେବାର ସମୟ ନୁହଁ ଯେ।' କହିଲା ଚିଲ।

'ନା, ଚାଲ ନଦୀ କୂଳେ କୂଳେ ଯିବା। ହେନ୍ତାଳ ବଣ ଆଗରୁ ଯାଉ ରାସ୍ତା ଯାଇଛି ଆର ଜଙ୍ଗଲ ଆଡକୁ ସେଇଠି ମାଡିଯିବା। ଚିଲ ଆମକୁ ଖବର ଦେଇ ଚାଲିଥିବ।' କହିଲା ଭାଲୁ।

'ମା ସାଥୀରେ ଆଉ ଚାରିଜଣ ମୋ ସାଙ୍ଗ ରହିବେ। ଗଧିଆମାନଙ୍କ ଗତିବିଧି ଉପରେ ନଜର ରଖିବେ।' ଚିଲ କହିଲା।

‘ଆଚ୍ଛା, ମାଛରଙ୍କାକୁ କହ ସେ କୁମ୍ଭୀରକୁ ଜଣାଇଦେବା ଦରକାର । ଆମେ ସାବଧାନ ରହିବା । ଏକଦମ୍ ।’ ଚିଲକୁ କହିଲା ଜିରାଫ୍ ।


‘ଆସନ୍ତୁ । ଗୋଟେ ଗୋଟେକୁ ଉଠେଇ ଫୋପାଡ଼ିବି ।’ କହିଲା ହାତୀ ।

ସମସ୍ତେ ମିଶି ଛୁଆ ତିନିଜଣଙ୍କୁ ଯୋଜନା କିଛି କିଛି ଜଣାଇଲେ । ଭାଲୁ ତିନିଜଣଙ୍କୁ ଧରି ଗେଲ କରି ଆଗକୁ ଯିବା ପାଇଁ ହାତ ଦେଖାଇଲା ।

ଶକ୍ତି, ଶେରୁ ଓ ଶିବା ହାତୀପଲ ଭିତରେ ଏମିତି ଥାଆନ୍ତି ଯେ, ଦେଖାଯାଉନଥାଏ ବାହାରକୁ କିଛି ବି ।

ଉପରେ ଚିଲ ତା ବଡ଼ବଡ଼ ଡେଣା ଖାଲି ଚାଲିଥାଏ । ହାତୀପଲ ପଛରେ ଭାଲୁ ଓ ଜିରାଫ୍ ।

ଶକ୍ତିକୁ ହଠାତ୍ ମନେହେଲା, ଏମାନେ ତା ସୈନ୍ୟ ଓ ସେ ଏକ ପ୍ରବଳ ପ୍ରତାପୀ ରାଜା । ଖୁସିରେ ଡେଇଁଲା । ସିଧା ଯାଇ ଗୋଟିଏ ହାତୀର ଗୋଡ଼ ପାଖେ । ହାତୀଟି



ଚିହିଁକି ଉଠି ଶୁଣ୍ଢ ଉପରକୁ କରି ଚିଲ୍ଲେଇଲା। ଶାନ୍ତ ଭାବେ ଚାଲିଥିବା ହାତୀପଲ ପୂରା ଏପଟ ସେପଟ ହେଲେ। ହାତୀ ଥରେ ଅଶାନ୍ତ ହେଲେ ସେମାନଙ୍କୁ ସମ୍ଭାଳିବା କାଠିକର ପାଠ।

ଜିରାଫ୍ ପଛରୁ ଆସି ପାଟି କରି ଆକଟ କରିବାକୁ ଚେଷ୍ଟାକଲା। ଭାଲୁ ତିନିଛୁଆଙ୍କୁ ଘୋଡ଼େଇ ରଖିଥାଏ ନିଜ ହାତ ଖାଲି। ଚିଲ ଉପରୁ ପାଟିକରି କହିଲା, 'ସାବଧାନ। ବିପଦ'।

ସମସ୍ତେ ଠିକ୍ ନିଜନିଜ ଜାଗାକୁ ଆସିଯାଇଥାଆନ୍ତି। ଚିଲର ଏଇକଥା ସେମାନଙ୍କ ତତ୍ପର କରାଇଦେଲା। ସତର୍କ ହୋଇ ଚାରିଆଡ଼କୁ ଚାହିଁଲେ ସମସ୍ତେ।

ତିନି ଛୁଆ ଡରିଗଲେଣି। ଜିରାଫ୍ ଓ ଭାଲୁ ସେମାନଙ୍କୁ ଭରସା ଦଉ ଥାଆନ୍ତି।

'ମା'ଙ୍କ ପାଖକୁ ଯିବା ଚାଲ।' ଅନୁନୟ କରି କହିଲା ଶକ୍ତି।

'ସୁଉଉଉଉଉ, ସୁଉଉଉଉଉଉଉ......'

'ଚାଲ, ଯୁବରାଜ ଘରକୁ। ରାଣୀମା' ବହୁତ ବ୍ୟସ୍ତ।'

ଥାନିକୁ ଦେଖି ସମସ୍ତେ ଆଶ୍ଚର୍ଯ୍ୟ।

'ଆଆଆ, ହଁଅଅଅଅଅ, ଜାଆଆଆଉଉଉଚୁଉଉଉ'। ଡର ଓ ଆଶଙ୍କା ମିଶ୍ରିତ କଣ୍ଠରେ କହିଲା ଶକ୍ତି।

'ଥାନି ସାପର ଏଇ ଜଙ୍ଗଲରେ କ'ଣ କାମ?' ମନେନାଇଁ ତୋ ପାଇଁ ଏ ଜଙ୍ଗଲ ମନା।' କହିଲା ଭାଲୁ।

'ହଃ, ମୁଁ ତୁମ ସମସ୍ତଙ୍କ ସହିତ କଥାହେବାକୁ ଭଲପାଏନି। ମୋ ଇଚ୍ଛା ହୁଏନି ତେଣୁ ମୁଁ ଆସେନି। ମତେ ତୁ ମନାକରିବୁ?' କହିଲା ଥାନି।

'ଆମେ ଯୁବରାଜଙ୍କୁ ଗଧିଆଙ୍କ ଠାରୁ ସତର୍କ ରଖି ରାଣୀମା'ଙ୍କ ପାଖେ ଛାଡ଼ିବାକୁ ଯାଉଛୁ। ବନ୍ଦକର ତୋ କଥା। ଆମକୁ ଯିବାକୁ ଦେ।' କହିଲା ଭାଲୁ।

'ମୁଁ ସେମାନଙ୍କୁ ନେବାକୁ ଆସିଛି। ରାଣୀ ମା'ଙ୍କ ଆଦେଶରେ। ଛାଡ଼ିଦିଅ ମୋ ସହିତ।' କହିଲା ଥାନି।

'ହେଇପାରିବନି। ଆମେ ତୋ ଭରସାରେ ଛାଡ଼ି ପାରିବୁନି। ତୁ ହେଲୁ ସାପ। ତୋ' ଉପରେ ଭରସା କ'ଣ? ରାଗରେ ଗରଗର ହେଇ କହିଲା ଭାଲୁ।'

'ଚାଲ ଆଗକୁ ମାଡ଼ିଚାଲ। ଥାନି ତୁମେ ବି ସାଥିରେ ଚାଲ। ଆମ ଶତ୍ରୁ ହେଲେ ଗଧିଆ। ଆମେ ସାବଧାନ ହେଇ ଯୁବରାଜଙ୍କୁ ସେପଟ ଜଙ୍ଗଲରେ ଛାଡ଼ିବା ଚାଲ।' କହିଲା ଜିରାଫ୍।

ଥାନି ତିନିଛୁଆଙ୍କୁ ସାଥିରେ ସାଥିରେ ଚାଲିବାରେ ଲାଗିଲା।

ଚିଲ ଜିରାଫ୍‌କୁ କହିଲା- 'ମୁଁ ତ, ଥାନିକୁ ବିପଦ ବୋଲି କହିଥିଲି। ତମେ କ'ଣ ତାକୁ ସାଙ୍ଗ କରିଦେଲେଣି ?'

'ଆରେ ନା' ! ମାଡ଼ିଚାଲ ଆଗକୁ। ଆମ ଲକ୍ଷ୍ୟ କେବଳ ଯୁବରାଜଙ୍କୁ ରାଣୀମା'ଙ୍କ ପାଖେ ପହଞ୍ଚାଇବା।' କହିଲା ଜିରାଫ୍।





# ଓଃ ! ସତେ କି ବିପଦ !

ଅତି ସତର୍କତାର ସହ ସମସ୍ତେ ଆଗେଇ ଚାଲିଲେ । ଶକ୍ତି ବୁଝିଗଲା ଯେ, ଥାନି ତା ଶତ୍ରୁ ନୁହଁ । ତା ହେଲେ ସମସ୍ତେ ମୋ ନିଜର ? ଭାବିଲା ଶକ୍ତି । ତା' ହେଲେ ସେ ବୁଢ଼ା ମାଙ୍କଡ଼ ?

କେଜାଣି ? ମା'ଙ୍କ ମୁହଁ ଦେଖାଗଲା । ଶକ୍ତିକୁ କାନ୍ଦ ଲାଗିଲା ।

ଚାରିଆଡ଼େ ଚାହିଁଲା । ତା' ପାଇଁ ସମସ୍ତେ କେତେ ବ୍ୟସ୍ତ । କେତେ ଭଲପାଆନ୍ତି ତତେ ଶକ୍ତି, ମନେମନେ କହି ଖୁସିହେଇଗଲା । ପୁଣି ଖୁସିରେ କିଛି ଡିଆଁ ଡେଇଁ କରିବା ଆଗରୁ ଥାନିର ଲାଞ୍ଜ ତାକୁ ଆଉଁସି ଦେଲା ।

'କାଲୁ ଗଧିଆ ତା' ଦଳ ନେଇ ଆସୁଚି । ଜଲଦି ଚାଲ ।' ଚିଲ ପାଟିକଲା ।

ତା' କଥା ଶୁଣି ସମସ୍ତଙ୍କ ଭିତରେ ଭାଳେଣି ପଡିଲା । ଭାଲୁ ଓ ହାତୀ ଜାଣିଥିଲେ କାଲୁ ସାମ୍ନାରୁ ଆକ୍ରମଣ କରିବନି । ଲୁଚିଛପି କିଛି କରିବ ।

'ଆରାମରେ ଚାଲ । ବାସ୍ ଆଉ ଅଳ୍ପ ରାସ୍ତା । କିଛି ଯଦି କରିବାକୁ ଚେଷ୍ଟା କରିବ,

କାଲୁ ଏଇଠି ମରିବ। ଭାଲୁ କହିଲା।

'ଗଧିଆଙ୍କୁ ଦେଖିଲେ ଗୋଟା ଗୋଟାକୁ ଶୁଣ୍ଢରେ ଉଠେଇ କଚାଡ଼ି ପାଦରେ ଦଳିଦେବା।' କହିଲା ହାତୀ।


'ଡର ନାହିଁ ପିଲାମାନେ। ଗଧିଆ ଏତେ ବଡ଼ ପଶୁମାନଙ୍କ ଭିତରେ ପଶି କିଛି କରିବେନି।' ଥାନି ଆଶ୍ୱାସନା ଦେଲା।

ବହୁତ ବଡ଼ବଡ଼ ଗଛ। କିଛିଦୂରରେ ଏକ ବଡ଼ ଜଙ୍ଗଲ ଦେଖାଯାଉଥାଏ। ଭାଲୁ କହିଲା- 'ଆମେ ଜଙ୍ଗଲର ପାଖ ରାସ୍ତାରେ ଯିବା।'

ହାତୀମାନେ ବଙ୍କାବଙ୍କା ଚାଲି, ସେଇ ରାସ୍ତାକୁ ଧରିବାକୁ ଚେଷ୍ଟାକଲେ।

ଜିରାଫ୍ ଲମ୍ୱାବେକ ବୁଲେଇ ସବୁଠି ନଜର ରଖିଥାଏ। ଥାନି ତିନି ବାଘଛୁଆଙ୍କୁ ଘେରେଇ ରହିଥାଏ। ବହୁତ ସତର୍କତା ସହିତ ସମସ୍ତେ ଚାଲୁଥାଆନ୍ତି। ଜିରାଫ୍ ଦେଖିଲା





ଗୋଟିଏ ଗଛ ତଳେ କାଳୁର ଅନୁଗତ ପେଖନା ଗଧିଆ ନିଜକୁ ଲୁଚେଇବାକୁ ଚେଷ୍ଟାକରୁଚି । ନଜର ରଖିଛି ସେମାନଙ୍କ ଗତିବିଧି ଉପରେ ।

ଏଇ କଥାଟି ଜୋର୍ କରି ନ କହି ଜିରାଫ୍ ଧିରେ ଭାଲୁ କାନରେ କହିଲା । ଭାଲୁ କହିଲା ହାତୀକୁ । ହାତୀ କହିଲା ଥାନିକୁ ।

ସମସ୍ତେ ଆହୁରି ସନ୍ତର୍ପଣରେ ଚାଲିଲେ ।

'ସେମାନେ ଗୋଟିଏ ଗୋଟିଏ ଆସି ରୁଣ୍ଡ ହେଲେଣି ।' ଜିରାଫ୍ କହିଲା ।

'ଆସନ୍ତୁ । ଆମ ପାଖ ମାଡ଼ିବେନି ।' ହାତୀ କହିଲା ।

'ତଥାପି ତୁ ନଜର ରଖ୍ ।' ଜିରାଫ୍‌କୁ କହିଲା ଭାଲୁ ।

ଚିଲ ଉପରୁ ସେମାନଙ୍କ ଗତିବିଧି ଦେଖିପାରୁଥାଏ ।

'ବାରରୁ ପନ୍ଦର ଗଧିଆ ଏକଜୁଟ୍ ହେଲେଣି ।' ଚିଲ କହିଲା ଉପରେ ଥାଇ ।

ଭାଲୁ ସାମ୍ନା ଯୁଦ୍ଧ ପାଇଁ ପ୍ରସ୍ତୁତି ଆରମ୍ଭ କଲା । ଜିରାଫ୍, ହାତୀ, ଓ ଥାନି ସମସ୍ତେ ଆହୁରି ଭଲ ଭାବରେ ନିଜକୁ ପ୍ରସ୍ତୁତ କରି ଆଗେଇ ଚାଲିଲେ । ଆରପଟ ଜଙ୍ଗଲ ବାସ୍ ଅଳ୍ପ ଦୂର । ତଥାପି ଏହି ଛୁଆମାନଙ୍କୁ ତାଙ୍କ ଘରେ ସୁରକ୍ଷିତ ପହଞ୍ଚାଇବା କାଳୁ ଭଳି ଗଧିଆ କବଳରୁ ଭାରି କଷ୍ଟକର କାମ ।

ଚିଲ ତା' ସାଙ୍ଗମାନଙ୍କ ସହ ପୂରା ନଜର ରଖିଥାଏ ଓ ସଙ୍ଗେସଙ୍ଗେ ଖବର ପହଞ୍ଚାଉଥାଏ ଜିରାଫ୍‌କୁ। ଚିଲ ଦେଖିଲା ବହୁତ ସଂଖ୍ୟାରେ ଗଧିଆ ଆସି ପହଞ୍ଚିଲେଣି। ବିପଦ ସମୟ।


ଭାଲୁ ଏହା ଜାଣିଥିଲା। ଚିଲକୁ କହିଲା– 'ଯାହା ବି ହଉ, ଆମେ ପିଲାଙ୍କୁ ଧରି ସେଇ ଜଙ୍ଗଲ ରାସ୍ତାରେ ଯିବାକୁ ହବ। ଆକାଶରୁ ତୁ ହାତୀପଲଙ୍କୁ ପାଟି କରି ଗଧିଆଙ୍କୁ ଗତିବିଧି କହି ଚାଲିଥିବୁ ସେମାନେ ଜଙ୍ଗଲ ପାର ହେବା ଯାଏଁ।'

'ହଁ, ମୁଁ ମୋ ସବୁ ସାଙ୍ଗଙ୍କୁ ଡାକିଦିଏ। ଆକ୍ରମଣ ଯଦି ହୁଏ, ଆମେ ବି ଗଧିଆଙ୍କୁ କାମୁଡ଼ା ରାମ୍ପୁଡ଼ା କରିଦେବୁ।' କହିଲା ଚିଲ।

'ହଁ ସେୟା କର। ମୁଁ ଜିରାଫକୁ ପୁଣି ଜଙ୍ଗଲକୁ ପଠାଉଛି, ସେ ଅନ୍ୟ ପଶୁମାନଙ୍କୁ ଡାକି ଆଣିବ।' କହିଲା ଭାଲୁ।

ଚିଲମାନେ ଚିଲ୍ଲେଇ ଚିଲ୍ଲେଇ ସବୁ ଚିଲଙ୍କୁ ଏକାଠି କରିନେଲେ। ଆକାଶ ପୂରା ଭରିଗଲା ଓ ଜଙ୍ଗଲ ଛାଇ ହେଇଗଲା, ଚିଲମାନଙ୍କ ଡେଣାରେ।





# ବଳଠୁ ବଳଶାଳୀ ବୁଦ୍ଧି

ଭାଲୁ ଯୋଜନା କରି ଚିଲକୁ ଲଗାଇଦେଲା କାମରେ। ଗଧିଆମାନଙ୍କ ଖବର ମିଳିପାରିବାର ବ୍ୟବସ୍ଥା ହେଇଗଲା। ବର୍ତ୍ତମାନ ସେ ଜିରାଫ୍, ଥାନି ଓ ଦୁଇଟି ହାତୀଙ୍କ ସହ ତିନି ବାଘଛୁଆଙ୍କୁ ସୁଡ଼ଙ୍ଗ ପଥରେ ସୁରକ୍ଷିତ ପଠାଇଦେଲା। କିନ୍ତୁ ବାକି ହାତୀମାନେ ସେହିଭଳି ଚାଲିବାକୁ ଲାଗିଲେ। ପଛେପଛେ ଭାଲୁ ଚାଲିଥାଏ। ସବୁ ହାତୀ ସନ୍ତର୍ପଣରେ ଚାଲିବାକୁ ଲାଗିଛନ୍ତି। ସେମାନେ ବି ଜାଣିନାହାନ୍ତି ଯେ, ବାଘଛୁଆମାନେ ସେମାନଙ୍କ ସହିତ ନାହାନ୍ତି। ସେଇୟା ହିଁ ତ' ଥିଲା ଭାଲୁର ଯୋଜନା। ଚିଲମାନେ ଗଧିଆଙ୍କ ଗତିବିଧି ଉପରେ ନଜର ରଖିବାରେ ବ୍ୟସ୍ତ।

ଶହଶହ ଗଧିଆ ଆସି ଏକାଠି ହେଲେଣି। ମେଳି କରି ଠାଏଁ ଠାଏଁ ଛପି ବସୁଛନ୍ତି। ଚିଲ ଉପରୁ ଚିଲ୍ଲେଇ ଧାରାବିବରଣୀ ଦେଇଚାଲିଥାଏ। ଭାଲୁ ହାତୀମାନଙ୍କ ଯୁଦ୍ଧ ପାଇଁ ପ୍ରସ୍ତୁତ କରାଉଥାଏ।

'ଆମ ରାଜା ସୌରଭଙ୍କୁ ମାରିଦେଲେ। ସେ ବି ଛଳରେ। ବର୍ତ୍ତମାନ ଆମ ଯୁବରାଜ ଶିଶୁ ଅବସ୍ଥାରେ। ରାଣୀମା' ଏକୁଟିଆ। ଗୋଟିଏ ରାଜପରିବାରକୁ ନଷ୍ଟ କରି ମଧ

ଏହି ହୀନ ଗଧିଆପଲଙ୍କ ନଜର ସେହି ଶିଶୁଟି ଉପରେ । କେବଳ ଥାନି ଓ ବୁଢ଼ାମାଙ୍କଡ଼ର ସେନା ଡରରେ ସେମାନେ ସେପଟ ଜଙ୍ଗଲକୁ ଯାଇ ପାରନ୍ତି ନାହିଁ । ଆଜି ଆମେ ଶାସ୍ତି ଦେବା । ଆମ ରାଜାଙ୍କୁ ମାରିବା ଶାସ୍ତି ।' ଭାଲୁ ବଡ଼ ଓ ଗମ୍ଭୀର ସ୍ୱରରେ କହିଲା ।

ହାତୀମାନେ ଶୁଣ୍ଢ ଉଠେଇ ଏକ ସାଥିରେ ଜୋର ଶବ୍ଦର ସହିତ ସମ୍ମତି ଜଣାଇଲେ ।

'ତୁମ ପାଦତଳେ ଯିଏ ଆସିବ ଆଜି ଦଳାଚକଟା ହେଇ ମରିବ ।' ଭାଲୁ କହିଲା ।

'ହଁ ! ଦଳିଚକଟି ଦେବା ।' କହିଲେ ହାତୀପଲ ।

'କିନ୍ତୁ ଆମେ ଏଇଠି ରହିବା । ଆଗକୁ ଯିବାନାହିଁ । ଆଗରେ ଗଧିଆ ।' କହିଲା ଭାଲୁ ।

'ତେବେ ଆମେ ପୁଣି ସେହି ଜଙ୍ଗଲକୁ ଯିବା କେମିତି ?' କହିଲେ ହାତୀପଲ ।

'ମୁଁ ଯୁବରାଜଙ୍କୁ ଅଲଗା ରାସ୍ତାରେ ପଠାଇ ସାରିଛି ।' ଭାଲୁ କହିଲା ।

'ଆଉ ଆମେ ଜାଣିନୁ କେମିତି ?' କହିଲା ବୁଢାହାତୀ ଗୋଟିଏ ।

'ଏଇସବୁ କାମ ଚୁପଚାପ କରାଯାଏ ।' ଭାଲୁ କହିଲା ।

'ଆମେ ତା' ହେଲେ ଜଙ୍ଗଲକୁ ଫେରିଯିବା ।' କହିଲେ ହାତୀପଲ ।

'ନା ! ଗଧିଆମାନେ ଯୁବରାଜଙ୍କୁ ଖୋଜିଖୋଜି ଏଠିକି ଆସିବେ ।' ଭାଲୁ କହିଲା ।

'ଆଉ ଏଇଠି ମରିବେ । କହିଲା ଯୁବହାତୀଟିଏ ।

'ହଁ ! ମୁଁ ସେଇୟା ଚାହେଁ ।' ଭାଲୁ କହିଲା ।

'ସାବଧାନ ! ଗଧିଆମାନଙ୍କ ଦଳ ତୁମ ପାଖକୁ ଆସିଲେଣି ।' ଚିଲର ସ୍ୱର ଶୁଣାଗଲା ।

ହାତୀମାନେ ଶୁଣ୍ଢ ଉଠେଇ ପେଁଏଁଏଁଏଁ......ଯୁଦ୍ଧ ବିଗୁଲ୍ ବଜାଇଲେ ।





ଗଧିଆମାନେ ହଠାତ୍ ମାଡି ଆସିଲେ । ହାତୀମାନେ ଶୁଣ୍ଢରେ ଗୋଟା ଗୋଟାକୁ ଫୋପାଡ଼ିଲେ ।

ଗଧିଆମାନଙ୍କ ଅବସ୍ଥା କହିଲେ ନ ସରେ ।

ଚିଲ ଲାଗିପଡ଼ିଲେ ନଖରେ ରାମ୍ପିଦେଲେ । ମୁନିଆ ଥଣ୍ଟରେ ଗଧିଆଙ୍କ ଦେହରୁ ମାଂସ ତାଡିଦେଲେ ।

ଭାଲୁ ହାତରେ ଯୋଉ ଗଧିଆ ପଡ଼ିଲା ସେ ମଲା ।

ସାଥୀମାନଙ୍କୁ ଦେଖି ବାକି ଗଧିଆ ଆଉ ସାହସ କଲେନି । ହାହାହାହା କୁଁକୁଁକୁଁକୁଁ ରଡ଼ି ଛାଡ଼ି ଯେ ଯୁଆଡ଼େ ଗଲେ ।

ହାଃ, ହାଃ ହସି ହସି ଥାନି କହିଲା– 'ପିଲାମାନେ ପହଞ୍ଚି ଗଲେ ।'

'ଓଃ, ବହୁତ ଭଲ ଖବର । ଯା ହଉ, ତୁ ଆସିଲୁ ।' କହିଲା ଭାଲୁ ।

'କିନ୍ତୁ, ଶକ୍ତି ଅପେକ୍ଷା କରିଛି । ଘରକୁ ନଯାଇ ।' ଥାନି କହିଲା ।

'ହଁ, ଚାଲ ଆମକୁ ଦେଖିଲେ ହିଁ ସେ ଘରକୁ ଯିବ । କହିଲା ଭାଲୁ ।

ସମସ୍ତେ ଚାଲିଲେ ଶକ୍ତି ପାଖକୁ ।

ଚିଲ ଭାଲୁକୁ ଗାଳି କରି କରି ଚାଲିଥାଏ ।



# ମା' ମୁଁ ଠିକ୍ କାମ କରିନି

ଶକ୍ତି ହାତୀ ଓ ଜିରାଫ୍ ସହିତ ତା ପରିଚିତ ଜଙ୍ଗଲରେ ପହଞ୍ଚିଗଲା । ଲିମ୍ପି, ମିଙ୍କି ଓ ସୁମା ସହିତ ତା ବାକି ସାଙ୍ଗସାଥି ସମସ୍ତଙ୍କୁ ଏକା ସାଥିରେ ଦେଖି, ପ୍ରଥମେ ଡରିକି ଦୌଡ଼ିଲେ ।

'ମିଙ୍କି......

ଲିମ୍ପି......

ସୁମା .....

ଆମେ ଖେଳିବାନି ।'

ଶକ୍ତିର ସ୍ୱର ଶୁଣି ନାଚି କୁଦି ପାଖକୁ ଆସିଲେ ସମସ୍ତେ । କି ଖୁସି । ଧୂଳିରେ ଗଡ଼ିଗଲେ ସବୁ । ମାଙ୍କଡ଼ ଛୁଆ ସବୁ ଗଛରେ ଏମିତି ଡେଇଁଲେ ଯେ ଜଣାଗଲା ଗଛର ଡାଳ ସବୁ ମଧ୍ୟ ତାଙ୍କ ସହିତ ଏକାକାର ହୋଇ ନାଚୁଛନ୍ତି । ହା....ହା....କିଚିର୍ ମିଚିର୍ ଶବ୍ଦରେ ଜଙ୍ଗଲ ଭରିଗଲା ।

ଖବର ପାଇ ତିନି ବାଘଛୁଆଙ୍କ ଅଭିଭାବକ ଆସି ପହଞ୍ଚିଲେ। ରାଣୀଙ୍କ ସହ ବୁଢ଼ାମାଙ୍କଡ଼କୁ ଦେଖି ଶକ୍ତି ବହୁତ ଆଶ୍ଚର୍ଯ୍ୟ ହେଲା। ପିଲାମାନଙ୍କୁ ଆଉଁଷି ଗେଲ କଲେ ରାଣୀମା’।

ହାତୀ ଓ ଜିରାଫ୍‌ଙ୍କୁ ଅନେକ ଧନ୍ୟବାଦ ଦେଇ ଜଙ୍ଗଲରେ କିଛିଦିନ ରହିବାକୁ ବି ଅନୁରୋଧ କଲେ ସେ।

‘ବୁଝିପାରୁଛି, ମୋର ତିନୋଟି ଚଗଲା ପିଲା ତୁମମାନଙ୍କୁ ଅସୁବିଧାରେ ପକେଇଛନ୍ତି। ତୁମେମାନେ ଏଇଠି ରହିବ ଆମ ସାଥିରେ। ଶକ୍ତି, ଶିବା, ଶେରୁଙ୍କୁ ତ’ ଦେଖିଲ ଓ ଜାଣିଲ। ଏବେ ତୁମେମାନେ ବି ଏହି ପରିବାରର ସଦସ୍ୟ। ଏଠି କିଛିଦିନ ରହିଲେ ଆମେ ଖୁସି ହେବୁ।’ ରାଣୀ କହିଲେ।

‘ଆମ ବାକି ସାଙ୍ଗ ପହଞ୍ଚୁଥିବେ। ସୁଡ଼ଙ୍ଗ ରାସ୍ତାରେ ପିଲାଙ୍କୁ ନେଇ ଆମେ ଆସିଗଲୁ। ସେମାନେ ଗଧିଆଙ୍କ ସହ ଲଢୁଥିବ ବୋଧେ।’ କହିଲା ଜିରାଫ୍।

‘ହଁ, ଗଧିଆମାନେ ଚିତ୍ ପଟାଙ୍ଗ୍ ମାରିଛନ୍ତି। ମୋ ଦଳ ଯାଇ ସମସ୍ତଙ୍କୁ ନେଇ ଆସୁଛନ୍ତି।’ କହିଲା ବୁଢ଼ାମାଙ୍କଡ଼।



କିଏ ଫୁଲ ଆଣି ଶକ୍ତିର ମୁଣ୍ଡରେ ପକେଇଲାଣି, ଆଉ କିଏ କ'ଣ ଆଣି ଖାଇବାକୁ ଦେଲାଣି। ପୂରା ଜଙ୍ଗଲ ଆଜି ଖୁସିରେ ଚୁର୍।

ସେମାନଙ୍କ ରହିବା ବ୍ୟବସ୍ଥା କରି ରାଣୀମା' ଶକ୍ତିକୁ ନେଇ ଘରକୁ ଫେରିଲେ।

'ମା' ତମେ ବହୁତ କଷ୍ଟ ପାଇଚ ମୋ ପାଇଁ।' ଶକ୍ତିର ଆଖିରୁ ପାଣି ଗଡୁଥାଏ। ମା'ଙ୍କ ପାଖେ ଗୁଞ୍ଜିହେଇ ଗେଲ ହେଲା।

ମା' ଆଖି ବି ଓଦା।

'ମତେ ନ କହି କାଇଁକି ଗଲୁ ସେ ଜଙ୍ଗଲକୁ ରାଜା ?' ମା' ଆହୁରି କାନ୍ଦିଲେ।

ଶକ୍ତି ତା ଛୋଟ ଛୋଟ ହାତରେ ମା'ଙ୍କ ଲୁହ ପୋଛିଦେଲା।

'ମା' ମୁଁ ଜାଣିଥିଲି ତମେ ମନାକରିଥାଆନ୍ତ।' ଶକ୍ତି କହିଲା।

'ମନା କରିବା କଥା ନୁହଁ କି ? ଦେଖିଲୁ କେତେ ହଇରାଣ ହେଲୁ।' ମା' ଶକ୍ତିକୁ ବୁଝେଇଲେ।

'ମୁଁ ଜଲଦି ଆସିଯିବି ଭାବିଥିଲି ମା'।' ଶକ୍ତି କହିଲା।

'ବୁଢ଼ାମାଙ୍କଡ଼ ବି ଜାଣିପାରିଲାନି।' ମା' କହିଲେ।

'ସେ କାହିଁକି ଜାଣିବ ?' ଶକ୍ତି ବିରକ୍ତ ହେଇ କହିଲା।

'ସେ ଓ ଥାନି ହେଲେ ଆମ ଗୁପ୍ତଚର।' ମା' କହିଲେ।

'ଯାହା ବି ହଉ, ମୁଁ ଭୁଲ କାମ କରିଛି ମା'। ବହୁତ ବଡ଼ ଭୁଲ।

ମତେ ଶାସ୍ତି ଦିଅ। ଶକ୍ତି ମା'ଙ୍କୁ ଚାହିଁ କହିଲା।

'ଆଉ ବାକି ଅଛି ଶାସ୍ତି ? କେତେ କଷ୍ଟ ପାଇଲୁ ନା'। ମା' ତାକୁ କୋଳକୁ ଟାଣି ଆଣି ଗେଲ କରିବାକୁ ଲାଗିଲେ।

'ମା' ମୁଁ ଜୀବନ ଖୋଜିବାକୁ ଯାଇଥିଲି। ତମେ କହିଥିଲ ଥରେ ଜୀବନ କଥା।' ଦୁଷ୍ଟ ଭାବେ ହସିହସି କହିଲା ଶକ୍ତି।

ଦିହେଁ ଜୋର୍‌ରେ ହସିଲେ।

୦୦୦



# ସତରେ, ସମସ୍ତେ କେତେ ଭଲ

ନରମ ଖରାରେ ଜଙ୍ଗଲଟି ସୁନ୍ଦର ଦେଖାଯାଉଥାଏ।

ଶକ୍ତି ନିଦରେ ବହୁତ ସମୟ ଶୋଇଗଲା। ଏବେ ଉଠିଚି। ମା’ ଦେଖାଯାଉନାହାନ୍ତି ପାଖରେ। ଉଠିକି ଗୁମ୍ଫା ଭିତରେ ବୁଲି ଆସିଲା ଶକ୍ତି। ଗୁମ୍ଫାର ବାହାରେ ବି ଦେଖିଲା। ମା’ ତ ନାହାନ୍ତି।

ଜଙ୍ଗଲରେ କିଛି କୋଳାହଳ ଶୁଣି ସେଇ ଆଡ଼କୁ ଚାଲିଲା ଶକ୍ତି।

ପାହାଡର ଉଚ୍ଚ ଜାଗାରୁ ଦେଖିଲା। ଆରେ, ଭାଲୁ, ବାକି ହାତୀପଲ ଓ ଚିଲମାନେ ସମସ୍ତେ ଆସିଛନ୍ତି। ସେମାନଙ୍କୁ ସ୍ୱାଗତ ଜଣାଇବା ପାଇଁ ସମସ୍ତେ କିଛି ନା କିଛି କରୁଛନ୍ତି। ଦୌଡ଼ିଗଲା ଶକ୍ତି ସେମାନଙ୍କ ପାଖକୁ। ଶକ୍ତିକୁ ଦେଖି ସମସ୍ତେ ଖୁସି।

‘ହେ ଶକ୍ତି। ତୁମପାଇଁ ତ ଆମେ ଏକାଠି ହେଇପାରିଛୁ।’ କହିଲା ଭାଲୁ।

‘ପୁଣି ତୁମକୁ ଧନ୍ୟବାଦ ଦଉଛି, ମୋ ଛୁଆକୁ ସୁରକ୍ଷିତ ଘରକୁ ଆଣିଥିବା ଯୋଗୁଁ।’

‘ରାଣୀ ମା’ ସେ ଆମ ଯୁବରାଜ। ଆମେ ତାଙ୍କ ପାଇଁ ଜୀବନ ବି ଦେଇ ପାରିବୁ।’




ହାତୀ କହିଲା ।

'ତୁମେ ସମସ୍ତେ କେତେ ଭଲ । ହେ, ଭାଲୁକାକା ମତେ ପୁଣି ତମ କୋଳରେ ଶୋଇକି ଗପ କହିବ ? ମା' ଜିରାଫ୍ ମତେ କେତେ ଯତ୍ନରେ ଖୋଇଦେଇଥିଲେ । ଚିଲ, ହାତୀ ସମସ୍ତେ ମତେ କେତେ ଭଲପାଆନ୍ତି..... ।' ଖୁସିରେ ଗଦ୍‌ଗଦ୍ ହେଇ କହିଲା ଶକ୍ତି ।

'ଶକ୍ତି ! କିନ୍ତୁ ତୁମେ ଏମିତି ଯିବା ଠିକ୍ ନଥିଲା ।' କହିଲା ବୁଢ଼ା ସିମ୍ପାଞ୍ଜି ।

'ଏଇ ଶୁଣ ! ଯାହାପାଇଁ ଏ ସବୁ ଘଟିଗଲା, ସେ ବର୍ତ୍ତମାନ ଭାଷଣ ଦଉଛନ୍ତି ।' କହିଲା ଭାଲୁ ।

'ତୁ, ଆଉ ତୋର ପୁରୁଣା ରାଗ, କଥାର ଲଥା ବାହାର କରିବା ।' କହିଲେ ଦାଦାବାବୁ ।

'ରାଣୀ ମା' ଏଇ ସିମ୍ପାଞ୍ଜି ବୁଢ଼ା ହେଇଗଲାଣି । ପିଲାଙ୍କ ପାଇଁ ନୂଆ ଶିକ୍ଷକ ଆଣନ୍ତୁ ।' କହିଲା ଭାଲୁ ।

'ତୁମ ଦୁଇଜଣଙ୍କ ସ୍ନେହ ଯେତେ, ଝଗଡ଼ା ବି ସେତେ । ମୋର ସେଥିରେ କିଛି କହିବାର ନାହିଁ । ମହାରାଜ ବି ତୁମ ଦୁହିଁଙ୍କ ସ୍ନେହର ଉଦାହରଣ ଦିଅନ୍ତି ।' କହିଲେ ରାଣୀ ।

‘ଶୁଣିଲୁ ବୁଢ଼ା ଭାଲୁ।’ କହିଲେ ଦାଦାବାବୁ।

ସମସ୍ତଙ୍କ ହସରେ ଜଙ୍ଗଲ ସତେ ବା ଖୁସିରେ ନାଚୁଥିଲା। ଛୁଆ ମାଙ୍କଡ଼ମାନେ ଖୁସିରେ ଡିଆଁଡେଇଁ ଆରମ୍ଭ କରିଦେଲେ। ଶକ୍ତିର ଦଳ ଗଡ଼ାତଡ଼ା ହେବାରେ ଲାଗିଥିଲେ।

‘ଆମେ ବହୁତ ବ୍ୟସ୍ତ ହାଇ ପଡିଥିଲୁ। କେତେ ଭଲ ଲାଗୁଚି ଏଠି ପହଞ୍ଚିବା ପରେ। ଗଧିଆମାନଙ୍କ ସାହସ କିଛି କମ୍ ନାଇଁ ରାଣୀ ମା’। ଆପଣ ଆଜ୍ଞା ଦେଲେ ବାସ୍। ସେମାନଙ୍କ ପତ୍ତା ରହିବନି ଏଇ ଜଙ୍ଗଲରେ।’ କହିଲା ଭାଲୁ।

‘ଆମେ ଯୁଦ୍ଧ କରିବା। ହେଲେ ସେମାନେ ଛଳନା କରନ୍ତି। ସାମନା ଯୁଦ୍ଧରେ କ’ଣ ପାରିବେ ? କିନ୍ତୁ ଯୁଦ୍ଧ ହବ।’ ରାଣୀ ଦୃଢ଼ ଭାବେ କହିଲେ।

‘ଆମ ଯୁବରାଜଙ୍କ ସୈନ୍ୟ ଆମେ। ଆପଣ ହୁକୁମ୍ କରନ୍ତୁ।’ କହିଲା ହାତୀ।

‘ହଁ ସେଇ ହୁକୁମ୍ ଖୁବ୍ ଶୀଘ୍ର ଦିଆଯିବ। ଆଜି ମୁଁ ଶପଥ କରୁଛି, ମହାରାଜାଙ୍କ ହତ୍ୟାର ପ୍ରତିଶୋଧ ନିଶ୍ଚୟ ନିଆଯିବ।’ ରାଣୀଙ୍କ ସ୍ୱର ବହୁତ୍ ଭୟଙ୍କର ଲାଗୁଥାଏ।

ସମସ୍ତେ ଚୁପ୍ ହାଇ ଶୁଣୁଥାନ୍ତି।





# ନିଜ ବରାବର କିଏ ?

ସେଦିନ ଜଙ୍ଗଲର ସେ ଛୋଟ ଭାଗରେ ସତେ ଯେମିତି ଖୁସିର ବଢ଼ି ଆସିଛି । ହଁ, ଖୁସିର ନଦୀ ମାଡ଼ି ଆସିଛି ସେହି ଜଙ୍ଗଲକୁ ଭିଜେଇ ଦେବା ପାଇଁ ।

ମହାରାଜ ସୌରଭଙ୍କ ମୃତ୍ୟୁ ପରେ ପୂରା ଜଙ୍ଗଲ ହତାଶାରେ ଚୁପ୍ ହେଇଯାଇଥିଲା । ଶକ୍ତି ତା' ସରଳତାରେ ସମସ୍ତଙ୍କୁ ନିଜର କରିନେଇଚି । ରାଣୀଙ୍କ ଦମ୍ଭ ବଢ଼ିଯାଇଛି । ସେ ବର୍ତ୍ତମାନ ସମ୍ପୂର୍ଣ୍ଣ ଦାୟିତ୍ୱକୁ ଗମ୍ଭୀର ଭାବେ ନେଇଛନ୍ତି । ଶକ୍ତିକୁ ପାଖରେ ପାଇ ସବୁ ଛୋଟ ଛୁଆପଶୁ ଖେଳରେ ଲାଗିଛନ୍ତି । ପାଠପଢ଼ା କିଛିଦିନ ପାଇଁ ଛୁଟି । ଛୁଟି

ହବନି ତ ଆଉ କ'ଣ ହବ ? ଦାଦାବାବୁଙ୍କ ପରମ ମିତ୍ର ଆସିଛନ୍ତି । ଭାଲୁ ଆଉ ସିମ୍ପାଞ୍ଜି ଗପରେ ସବୁ ଭୁଲିଯାଇଛନ୍ତି । ମାଙ୍କଡ଼ ସବୁ ହାତୀମାନଙ୍କ ଉପରେ ବସି ସେମାନଙ୍କୁ ଜଙ୍ଗଲ ବୁଲେଇ ଦେଖଉଛନ୍ତି । କୋଉଠୁ କାଳି, ଡାଳ, ପତ୍ର, କଦଳୀକାନ୍ଧି, ନଡ଼ିଆ ସବୁ ଖାଇବାକୁ ଦଉଛନ୍ତି । ଖୁସିରେ ଶୁଣ୍ଢ ହଲେଇ ବୁଲୁଛନ୍ତି ହାତୀପଲ । କୁମ୍ଭୀର ଏହିସବୁ ଦେଖି ନଈପଠାରେ ଖୁସିହେଇ ହସୁଛି । ପାଟି ଖାଲି ହସୁଚି ଯେ, ପାଟି ବନ୍ଦ କରିବା ଭୁଲିଯାଇଛି ।

ପକ୍ଷୀମାନେ କିଛି ନ ବୁଝି ବି ଖୁସି । ଡର ଖାଲି ଚିଲ ପାଇଁ । ଚିଲଠୁ ଦୂରେଇ ରହୁଛନ୍ତି ପକ୍ଷୀସବୁ । ପେଚା ଏହା ଦେଖି ଦୁଃଖିତ ହେଲା । ପକ୍ଷୀମାନଙ୍କୁ ଭରସା ଦେଲା ଯେ ଚିଲ କିଛି କରିବ ନାହିଁ । ସୁର ଦେଇ ସବୁ ପକ୍ଷୀ ଏବେ ଗୀତ ଗାଇ ଚାଲିଲେ । ଚିଲ ସେହି ଗୀତ ତାଳେତାଳେ ଡେଣା ଖାଲି ନାଚିବା ଭଳି ଲାଗୁଥିଲା । ଗୀତ ଶେଷରେ ଚିଲ ପେଚାକୁ ଧନ୍ୟବାଦ ଦେଲା ।

'ମୁଁ ସବୁବେଳେ ବହୁତ ଉପରେ ଉଡ଼େ । ପୁଣି ମୁଁ ମାଂସାହାରୀ । ସେଥିଯୋଗୁଁ ମୋ ସାଥିରେ କେହି ସାଙ୍ଗ ହୁଅନ୍ତି ନାହିଁ । ମୁଁ ଉପରେ ଉଡ଼ିଲେ ବି ଉଦାସ ଥାଏ । ଆଜି ଭଳି ଖୁସି ମୁଁ କେବେ ଅନୁଭବ କରିନି । ତୁମକୁ ଅନେକ ଧନ୍ୟବାଦ ।' କହିଲା ଚିଲ ।

'କିନ୍ତୁ ତୁମେ ବି ପକ୍ଷୀ । ଏକଥା ଭୁଲିଯାଅନି । ତୁମ ନିଜ ଜାତି ପାଇଁ ଯଦି ତୁମେ



ଭଲକାମ କରିବ ତୁମକୁ ସମସ୍ତେ ଭଲପାଇବେ ଚିଲ। ତୁମେ ଆନନ୍ଦରେ ରହିବ।' କହିଲା ପେଚା।

'ହଁ, ଶୁଣ ସମସ୍ତେ। ଆମେ ଏହି ଜଙ୍ଗଲର ସବୁ ଚିଲ ଆଉ କେବେବି ପକ୍ଷୀମାନଙ୍କୁ ଖାଇବୁ ନାହିଁ।' କହିଲା ଚିଲ।

ଲାଲାଲାଲା.....କିରିଂ.....କିରିଂ.....କୁହୁକୁହୁ......ଡିଙ୍ଗ୍.....ଡିଙ୍ଗ୍ ଏମିତି ଖୁସିର କାକଳିରେ ଜଙ୍ଗଲ ଭରି ଉଠିଲା।

◉◉◉





# ଆମେ ଆମକୁ ଭଲପାଉ

ଶକ୍ତି ମା'ଙ୍କ ସହିତ ଘରକୁ ଚାଲିଲା । ସନ୍ଧ୍ୟା ହେବାକୁ ଆସୁଥାଏ । ଜଙ୍ଗଲଟା ଆଜି ବହୁତ ଗହଳିଆ ଲାଗୁଚି । ଖୁସି ଲାଗୁଚି । ବାପା ଆଜି ବହୁତ ମନେପଡୁଛନ୍ତି । ମା'ଙ୍କ ପାଖେ ଲାଗିକି ରହିବାକୁ ଇଚ୍ଛା ହଉଚି ଶକ୍ତିର ।

'ଶକ୍ତି, ଆଜି ମୋର କିଛି କହିବାର ଅଛି ତତେ ।' କହିଲେ ମା'

'ହଁ, ମା ! ମୁଁ ସବୁ ଶୁଣିବି । ଆଉ କେବେ ଯିବିନି ।' ବାଧ୍ୟ ପୁଅଟି ଭଳି କହିଲା ଶକ୍ତି ।

'ନା, ରାଜା । ତୁ ସବୁ କରିବୁ । ତତେ ଯାହା ଇଚ୍ଛା ସେଇ ସବୁ କରିବୁ ।' ମା'ଚାଲୁ ଚାଲୁ ଶକ୍ତିକୁ ଆଉଁଶି ଦେଲେ ।

'ହଁ, ସତରେ, ମା' ମୁଁ କ'ଣ ସବୁ କରିବି ? ପୁରା ଜଙ୍ଗଲ ବୁଲିପାରିବି ?' ଖୁସିରେ ପଚାରିଲା ଶକ୍ତି ।

'ତୁ ତ' ଏଇ ଜଙ୍ଗଲର ରାଜା । ତତେ କିଏ ମନାକରିବ ?' କହିଲେ ମା' ।



ଗୁମ୍ଫାରେ ପହଞ୍ଚି ଦି' ଜଣ ବସିଲେ ଯୋଉଠି ମହାରାଜ ସୌରଭ ବସନ୍ତି। ସିଂହାସନ ପାଖରେ। ଦୁଇଜଣ ଚୁପ୍ ଥାଆନ୍ତି।

ଆଖି ଓଦା ଥାଏ ଦୁହିଁଙ୍କର। ମା' ସୁମନାଙ୍କ ପାଖକୁ ଆହୁରି ଲାଗି ଆସିଲା ଶକ୍ତି।

'ପୁରା ଜଙ୍ଗଲ ମୋର ନା' ମା'। ମତେ ବହୁତ କିଛି ଜିଣିବା ଓ ଶିଖିବା ଦରକାର।' କହିଲା ଶକ୍ତି।

'ହଁ, ପ୍ରଥମେ ଜଙ୍ଗଲରେ ଥିବା ସମସ୍ତ ପଶୁ ପକ୍ଷୀଙ୍କୁ ଚିହ୍ନିବାକୁ ହବ। କିଏ କେମିତି ଚାଲେ, କିଏ ଉଡ଼େ ପୁଣି କିଏ ପହଁରେ ସବୁ ଜାଣିବା ଦରକାର।' ମା'କହିଲେ।

ଶକ୍ତିର ହାତକୁ ନିଜ ହାତରେ ନେଇ ତା' ମୁହଁକୁ ଚାହିଁଲେ ମା'।

ଛୋଟ ଛୁଆ ବାଘଟି ଶକ୍ତି। ଅତି ନିଷ୍ପାପ ହୃଦୟର ଏହି ଛୁଆଟିକୁ ଖୁବଶୀଘ୍ର ବଡ଼ କରିବାକୁ ହେବ ଭାବି ଦୀର୍ଘ ନିଃଶ୍ୱାସ ନେଲେ ରାଣୀ।

'ଆଚ୍ଛା ! ମା' ସେ ବୁଢ଼ା ମାଙ୍କଡ଼ ସବୁବେଳେ ମୋ ପଛେପଛେ ବୁଲେ। ମୁଁ ଜାଣିପାରେ। ଭାବୁଥିଲି, ସେ କାହିଁକି ମୋ ପଛରେ।' କହିଲା ଶକ୍ତି।

'ମହାରାଜ ସୌରଭଙ୍କ ଗୋଟିଏ ଭଲ ସୈନ୍ୟ ଦଳ ଥିଲେ ଯେଉଁମାନେ ଶତ୍ରୁ ଆସିଲେ ସାମ୍ନାରେ ଲଢ଼ିବେ। ଆଉ ଗୋଟିଏ ଦଳ ଥିଲେ ଯୋଉମାନେ ସବୁ ଦିଗରେ ନଜର ରଖି ରହନ୍ତି। କିନ୍ତୁ ଲୁଚି ରହି। ଗଛ ଉପରେ ରହି ଏହି ମାଙ୍କଡ଼ ସବୁ ଦେଖେ। ଆଉ ଥାନି, ସେ ନିଜକୁ ଲୁଚାଇ ରଖି ସବୁ ଖବର ରଖେ। ଆଉ ପାଣିରେ କୁମ୍ଭୀର

ମାନେ ଆମକୁ ଖବର ଦେବା କାମ କରନ୍ତି।'

ମା'ଙ୍କ କଥା ଶୁଣି ଶକ୍ତି ଆଶ୍ଚର୍ଯ୍ୟ ହେଲା।'

'ସେଥିପାଇଁ ତମେ ସବୁ ଜାଣିପାର ମୋ କଥା।' କହିଲା ଶକ୍ତି।

'ତୁ ସବୁଠୁ ଚାଲାକ୍। ତୁ ପୁଣି କେତେବେଳେ ସେହି ଜଙ୍ଗଲକୁ ଚାଲିଗଲୁ, ଆମେ କେହି କ'ଣ ଜାଣିପାରିଲୁ ?' କହିଲେ ମା'

'କିନ୍ତୁ ମା' ଆମକୁ ସମସ୍ତେ ଭଲପାଆନ୍ତି।' ହସିହସି କହିଲା ଶକ୍ତି।

'ଆମେ ବି ସମସ୍ତଙ୍କୁ ଭଲପାଉ।' ଶକ୍ତିକୁ ଗେଲ କରି କହିଲେ ମା'।

'ଆଉ ଆମେ ଆମକୁ ଭଲପାଉ।' ଠୋ ଠୋ ହସି କହିଲା ଶକ୍ତି।

ଓଃ, ଯା ଭିତରେ ପୁଣି ଏତେକଥା ?





# ଓ ! ଯା ଭିତରେ ପୁଣି ଏତେକଥା

'ଆଚ୍ଛା, ମା' ମୁଁ କେମିତି ସମସ୍ତଙ୍କ ପାଇଁ ଭଲ କରିପାରିବି ?'

ଏହି ପ୍ରଶ୍ନ ଥିଲା ଶକ୍ତିର ।

'ତୁ ଇଚ୍ଛା କରିଚୁ ମାନେ ନିଶ୍ଚେ କରିବୁ ।' କହିଲେ ମା'

ବହୁତ କଥାବାର୍ତ୍ତା ଚାଲିଲା ମା ଓ ପୁଅ ଭିତରେ । ରାଣୀଙ୍କ ଚେଷ୍ଟା ଶକ୍ତି ସମସ୍ତଙ୍କୁ ଜଣା । କିଏ ନିଜର ଓ କିଏ ପର ଜାଣିଲେ ଶକ୍ତି ପାଇଁ ଜୀବନ ଆଉ ଟିକେ ସରଳ ହେବ ।

ଶକ୍ତିର କିଛି ମନେପଡିଲା । ସେ ମା'ଙ୍କୁ କହିଲା- 'ମା', ମୁଁ ଥରେ ଦେଖିଚି, ଥାନି ଦେହରୁ କ'ଣ ବାହାରୁ ଥିଲା ।'

'କ'ଣ ବାହାରୁ ଥିଲା।' ମା' ଆଶ୍ଚର୍ଯ୍ୟରେ ପଚାରିଲେ।

'ହଁ, କିଛି ତ' ବାହାରୁଥିଲା। ଯାହା ତାକୁ କଷ୍ଟ ବି ଦଉଥାଏ। ମୁଁ ଦେଖିଚି ମା'।' କହିଲା ଶକ୍ତି।

ଶକ୍ତି ଠୁ ସବୁ ଶୁଣି ମା' ବୁଝିପାରିଲେ ଶକ୍ତି ଯାହା କହୁଛି।

'ଶୁଣ୍, ଥାନି ଗୋଟିଏ ସାପ। ତା ଭିତରେ ବିଷ ଥାଏ। ସେଥିପାଇଁ ସମସ୍ତେ ତାକୁ ଡରନ୍ତି। ସେ କିନ୍ତୁ ଆମ ବନ୍ଧୁ। ସେ ଘୋଷାଡ଼ି ହେଇ ଚାଲେ ସେଥିପାଇଁ ତା' ଦେହରୁ କାତି ଛାଡ଼େ। ସେ' କିଛିନୁହଁ। ତାକୁ କଷ୍ଟ କାଇଁକି ହବ ! ସବୁ ସାପମାନଙ୍କର ସେମିତି ହୁଏ। କହିଲେ ମା'


ଦାଦାବାବୁ ଆସି ପହଞ୍ଚିଲେ। ରାଣୀ ଓ ଦାଦାବାବୁଙ୍କ କଥା ବହୁତ ସମୟ ଚାଲିଥାଏ। ଶକ୍ତି ଚୁପ୍ କିନି ବାହାରି ଆସିଲା। ସମସ୍ତଙ୍କୁ ଦେଖି ଖେଳିବାରେ ଲାଗିଲା।

'ଆଜି ଆମେ ଏଠୁ ଚାଲି ଯିବୁ ଶକ୍ତି।' କହିଲା ଭାଲୁ।

'ହଁ ଆମେ ସେପଟ ଜଙ୍ଗଲକୁ ଚାଲି ଯିବୁ।' କହିଲା ଜିରାଫ୍।

'ଶକ୍ତିକୁ ଛାଡି ଯିବାକୁ ମନ ମାନୁନି।' କହିଲା ହାତୀ।

'ଏମିତି କିଛି ହେଇ ପାରିବନି ? ଯେମିତି ତମେ ସମସ୍ତେ ଏଇଠି, ଏଇ ଜଙ୍ଗଲରେ



ରହିବ।' ଦୁଃଖରେ କହିଲା ଶକ୍ତି।

'ନା, ସେମିତି ହେବନି।' ଭାଲୁ ବୁଝାଇ କହିଲା।


'କିନ୍ତୁ କାହିଁକି ?' ଶକ୍ତି ଅଝଟିଆ ଭାବେ ପଚାରିଲା।

'ହଁ , କିନ୍ତୁ କାହିଁକି। ଭଲ କଥା କହିଲେ ଯୁବରାଜ। ଗୋଟେ କାମ କରିବା। ସବୁ ସାଙ୍ଗମାନଙ୍କୁ ଡାକିଆଣ। ଏଇଠି ମୁଁ କହିବି ଯେ ଆମେ ଏକାଠି ଏଇଠି କାହିଁକି ରହିବା ନାହିଁ।' ଭାଲୁ କହିଲା।

ମିଙ୍କି ସମସ୍ତଙ୍କୁ ଡାକି ଆଣିଲା। ପଥର ଚଟାଣ ଉପରେ ବସିଲା ଭାଲୁ। ସବୁ ଛୁଆ ପଶୁଙ୍କ ଦୃଷ୍ଟି ଭାଲୁ ଉପରେ।

ସେ କହିବା ଆରମ୍ଭ କଲା।– 'ଆମେ ସମସ୍ତେ ବଞ୍ଚିବା ପାଇଁ କ'ଣ କରୁଚେ,





ଖାଉଚେ ? କିଏ ଗଛପତ୍ର ଖାଉଚି, କିଏ ନିଜଠାରୁ ଛୋଟ ପଶୁପକ୍ଷୀଙ୍କୁ ଖାଉଚି । ହଁ କି ନା ?

ପଚାରିଲା ଭାଲୁ ।

ଏକସ୍ୱରରେ ସମସ୍ତେ କହି ଉଠିଲେ– 'ହଁ ଅଅଅଅଅ ।'

ଆମେ ଯଦି ଏଇଠି ସମସ୍ତେ ରହିବା, ତାହେଲେ ଏଇଠି ସବୁ ଖାଇବା । ଏଇ ଜଙ୍ଗଲରେ ଯାହା ଅଛି ସବୁ ସରିଯିବ । ଆଉ ସେପଟ ଜଙ୍ଗଲରେ କିଛି ସରିବନି । ସେଥିପାଇଁ ଆମକୁ ପ୍ରକୃତି ଅଲଗା ଭାବରେ ଗଢିଛନ୍ତି । ଆମ ଖାଦ୍ୟର ବ୍ୟବସ୍ଥା ବି କରିଛନ୍ତି । ସେଥିପାଇଁ ଆମେ ଯିଏ ଯାହା ଘରେ ରହୁଚେ ।' ଭାଲୁ ବୁଝାଇ କହିଲା ।

'ପରିବେଶର ସନ୍ତୁଳନ ବୁଝଉଚୁ ? ଏତେ ଛୋଟ ଛୁଆଙ୍କୁ ?' ରାଣୀଙ୍କ ସହିତ ଆସୁଆସୁ କହିଲେ ଦାଦାବାବୁ ।

'ବୁଝାଇବା ପାଇଁ ବୁଦ୍ଧି ଥିବା ଦରକାର । ଯାହା ଏଇ ମୋଟା ସିମ୍ପାଜି ପାଖେ ନାହିଁ ।' କହିଲା ଭାଲୁ ।

'ସେ ଯାହା ବି ହଉ, ଖୁବ୍ ସୁନ୍ଦର ଭାବେ ବୁଝାଇ ପାରୁଛ ତୁମେ ଭାଲୁ । ବେଳେ

ବେଳେ ଆସି ପିଲାଙ୍କୁ ଏମିତି ବୁଝାଇଲେ କେତେ ଭଲ ହୁଅନ୍ତା ।' ରାଣୀ କହିଲେ ।

'ଆମେ ବିଭିନ୍ନ ସମୟରେ ଆସି ଯୁଦ୍ଧ ଠାରୁ ଆରମ୍ଭ କରି ଯାହା ଯାହା ଜାଣିଛେ ପିଲାଙ୍କୁ ଶିଖେଇବାକୁ ଭାବିଛୁ ।' କହିଲା ହାତୀ ।

'ହଁ ଭଲ ହୁଅନ୍ତା । ମୁଁ ଏକୁଟିଆ ହେଇଯାଉଛି ।' କହିଲେ ଦାଦାବାବୁ ।

ବିଦାୟ ବେଳା ଆସିଲା । ସମସ୍ତେ ଛଳଛଳ ଆଖିରେ ଆର ଜଙ୍ଗଲକୁ ଗଲେ ।

ଭାଲୁ ସବୁଠୁ ଶେଷରେ ଆସି ଶକ୍ତିକୁ ଜାବୁଡ଼ି ଧରି ଗେଲ କଲା । ରାଣୀଙ୍କୁ ଯୁଦ୍ଧ ପାଇଁ ପ୍ରସ୍ତୁତ ହେବା ପ୍ରତିଶ୍ରୁତି ଦେଇ ବିଦାୟ ନେଲା ।

